# ରାୟଗଡ଼ାର ଜିଲ୍ଲାସ୍ତରୀୟ ନାଗାବଳୀ ପ୍ଲାନେଟାରିୟମ୍ ଲୋକାର୍ପିତ

**ରାୟଗଡ଼ା,୨୮।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ବୁଧବାର ଭର୍ଚୁଆଲ୍ ମାଧ୍ୟମରେ ଲୋକାର୍ପିତ ହୋଇଯାଇଛି ରାୟଗଡ଼ା ଜିଲ୍ଲାସ୍ତରୀୟ ନାଗାବଳୀ ପ୍ଲାନେଟାରିୟମ। ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଶିକ୍ଷାରେ ମନୋନିବେଶ କରିବା ସହିତ ବୈଜ୍ଞାନିକ ମନୋବୃତ୍ତି ନେଇ ଜୀବନରେ ଆଗକୁ ବଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାୟଗଡ଼ା ବ୍ଲକ୍ କୋତାପେଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭାକୁରଗୁଡ଼ା ନିକଟ ୩୨୬ ନମ୍ବର ଜାତୀୟ ରାଜପଥର କାଦମ୍ବରୀଗୁଡ଼ାଠାରେ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଦିବାସୀ କଲ୍ୟାଣ ତଥା ଆଇନ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଜିଲ୍ଲାସ୍ତରୀୟ ପ୍ଲାନେଟାରିୟମ୍ ଭେଟି ଦେଇଥିବାରୁ କଲେଜ ଛାତ୍ରୀ ଏନ.ବ୍ଲେନଡିନା ମେରୀ ଧନ୍ୟବାଦ ଜଣାଇବା ସହ ମହାକାଶରେ ଗ୍ରହ ନକ୍ଷତ୍ରର ଗତି ସମ୍ବନ୍ଧୀୟ ସମସ୍ତ ବିଷୟବସ୍ତୁ ବିଷୟରେ ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲାର ଛାତ୍ରଛାତ୍ରୀମାନେ ଜ୍ଞାନ ପାଇପାରିବେ ଏବଂ ପୂର୍ବରୁ ଏଭଳି ସୁବିଧାସୁଯୋଗ ନ ଥିବାବେଳେ ନାଗାବଳୀ ପ୍ଲାନେଟାରିୟମ୍ ଆମମାନଙ୍କ ପାଇଁ ଏକ ବଡ଼ ସୁଯୋଗ ଆଣିଦେଇଛି ଓ ମୁଁ ଜଣେ ବୈଜ୍ଞାନିକ ହେବି ବୋଲି ପ୍ରକାଶ କରିଥିଲେ। ଯାହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ ଖୁସିବ୍ୟକ୍ତ କରିଥିଲେ। ସେହିପରି ଆଇନ ମନ୍ତ୍ରୀ ଶ୍ରୀ ସାରକା ବିଜ୍ଞାନ ଓ ଶିକ୍ଷା ଗବେଷଣା ପ୍ରତି ଯୁବଗୋଷ୍ଠୀଙ୍କୁ ପ୍ରୋତ୍ସାହିତ କରିବା ଏବଂ ଆମର ସାମାଜିକ ଜୀବନ ପରିବର୍ତ୍ତନ କ୍ଷେତ୍ରରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ପକ୍ଷରୁ ଏନପିସିସି ସଂସ୍ଥା ଦ୍ୱାରା କାଦମ୍ବରୀଗୁଡ଼ାଠାରେ ୨.୫ଏକର ଜାଗାରେ ୧୪ କୋଟି ବ୍ୟୟ ଅଟକଳରେ ନିର୍ମିତ ଏହି ନାଗାବଳୀ ପ୍ଲାନେଟାରିୟମ୍ ୨୦୨୧ ମାର୍ଚ୍ଚ ୩ ତାରିଖରେ କାର୍ଯ୍ୟାରମ୍ଭ କରାଯାଇଥିଲା। ଅତ୍ୟାଧୁନିକ କୌଶଳରେ ନିର୍ମିତ ଏହି ପ୍ଲାନେଟାରିୟମରେ ଏକାଥରକେ ୧୩୩ ଜଣ ବସି ପାରିବାର ବ୍ୟବସ୍ଥା ରହିଛି। ଏହି ଲୋକାର୍ପିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ଉପଦେଷ୍ଟା ସୁଧୀର କୁମାର ଦାସ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ପି.ଗୌରୀ ଶଙ୍କରଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରାୟଗଡ଼ା ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ।



## ଜୟପୁର ବିଜ୍ଞାନ କେନ୍ଦ୍ର ଲୋକାର୍ପଣ ଉତ୍ସବ

# ଛାତ୍ରଛାତ୍ରୀମାନଙ୍କୁ ବୈଜ୍ଞାନିକ ଭାବେ ଦେଖିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ: ମନ୍ତ୍ରୀ

**ଜୟପୁର,୨୮।୨(ସମିସ)**




ରାଜ୍ୟରେ ଶିକ୍ଷା ସହିତ ବିଜ୍ଞାନ ଶିକ୍ଷାର ବିକାଶ ନିମନ୍ତେ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ତଥା ବିଶିଷ୍ଟ ବୈଜ୍ଞାନିକ ସି.ଭି. ରମଣଙ୍କ ଜନ୍ମତିଥି ଅବସରରେ ରାଜ୍ୟରେ ୪ଟି ସ୍ଥାନରେ ପ୍ଲାନେଟାରିୟମ ଏବଂ ବିଜ୍ଞାନ କେନ୍ଦ୍ର ଲୋକାର୍ପଣ ଓ ୭ଟି ସ୍ଥାନରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜୟପୁରଠାରେ ୬ କୋଟି ଟଙ୍କାରେ ନିର୍ମିତ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଲୋକାର୍ପଣ ଉତ୍ସବକୁ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଶିକ୍ଷା କ୍ଷେତ୍ରରେ '୫-ଟି' ଯୋଜନା ମାଧ୍ୟମରେ ବୈପ୍ଳବିକ ପରିବର୍ତ୍ତନ କରାଯାଇଛି। ରାଜ୍ୟର ଛାତ୍ରଛାତ୍ରୀମାନେ ଅନ୍ତର୍ଜାତୀୟସ୍ତରରେ ଜଣେ ଜଣେ ବୈଜ୍ଞାନିକ ଭାବେ କିପରି ନିଜକୁ ଗଢ଼ି ତୋଳିବେ ତାହା ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଲକ୍ଷ୍ୟ। ସେଥିପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଉଛନ୍ତି।

ସେହିପରି ଦକ୍ଷିଣ ଓଡ଼ିଶାର ଦୁଇଟି ଜିଲ୍ଲାର ଜୟପୁରଠାରେ ବିଜ୍ଞାନକେନ୍ଦ୍ର ଏବଂ ରାୟଗଡ଼ାଠାରେ ପ୍ଲାନେଟାରିୟମ୍ ପ୍ରତିଷ୍ଠା କରିବା ଏକ ଐତିହାସିକ ପଦକ୍ଷେପ। ଏଥିରେ ମୁଖ୍ୟ ପୁରୋଧା ସାଜିଥିବା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଅବଦାନ ଅତୁଳନୀୟ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀର ଛାତ୍ରୀ ଶୁଭଶ୍ରୀ ହନ୍ତାଳ ନିଜ ବକ୍ତବ୍ୟରେ ଉପାନ୍ତ କୋରାପୁଟ ଜିଲ୍ଲାରେ ଆଦିବାସୀ ଓ ଗରିବ ଛାତ୍ରଛାତ୍ରୀମାନଙ୍କୁ ଆଧୁନିକ ବିଜ୍ଞାନ ସହିତ ଯୋଡ଼ିବା ପାଇଁ ଜୟପୁରଠାରେ ଏହି ବିଜ୍ଞାନ କେନ୍ଦ୍ର ଅଧିକ ସହାୟତା ପ୍ରଦାନ କରିବ। ତେଣୁ କୋରାପୁଟ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିରେ ଅନ୍ୟାନ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ପଡାଲ, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ମଞ୍ଚାସୀନ ଥିଲେ। ଏହି ଅବସରରେ କେସିସି ବ୍ୟାଙ୍କ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜୟପୁର ବିଡିଓ ଶକ୍ତି ମହାପାତ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ କୁମାର ପଟ୍ଟନାୟକ ପ୍ରମୁଖଙ୍କ ସମେତ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।

# ଗଞ୍ଜେଇ ପ୍ୟାକିଙ୍ଗ୍ ବେଳେ ମାଡ଼ି ବସିଲା ପୁଲିସ

**ନନ୍ଦପୁର,୨୮।୨(ସମିସ):** ନନ୍ଦପୁର ବ୍ଲକ୍ ସୀମାନ୍ତ ପାଡୁଆ ପୁଲିସ ଏସ୍ଆଇ ଦୀପକ କୁମାର ବାରିକ ଏକ ଟିମ୍ ସହ ପରଜା ବଡ଼ପଡ଼ା ଜଙ୍ଗଲରେ ଚଢ଼ଉ କରିବା ସହ ଗଞ୍ଜେଇ ପ୍ୟାକିଙ୍ଗ୍ ଚାଲିଥିବାବେଳେ ମାଡ଼ି ବସିଥିଲେ। ସନ୍ଧ୍ୟା ଓ ଅନ୍ଧାରର ସୁଯୋଗ ନେଇ ମାଫିଆମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବାବେଳେ ଗଚ୍ଛିତ ଗଞ୍ଜେଇକୁ ଜବତ କରିଛି ପୁଲିସ। ଜବତ ଗଞ୍ଜେଇର ଓଜନ ୨୧୦ କିଲୋ ରହିଥିବାବେଳେ ଏହାର ବଜାର ମୂଲ୍ୟ ଲକ୍ଷାଧିକରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ତେବେ ଏହି ଘଟଣାରେ କିଏ ସାମିଲ ରହିଛନ୍ତି ସେନେଇ ପାଡୁଆ ଥାନା ତଦନ୍ତ କରୁଥିବା ନନ୍ଦପୁର ଏସଡିପିଓ ସମ୍ବିତ କୁମାର ମାଝୀ ସୂଚନା ଦେଇଛନ୍ତି। ପାଡୁଆ ଆଇଆଇସି ଅଶୋକ କୁମାର ବିଶୋଇ ଖୁବଶୀଘ୍ର ବ୍ୟବସାୟୀମାନେ ଚିହ୍ନଟ ହେବେ ବୋଲି କହିବା ସହ ଏହି ମାମଲାର ତଦନ୍ତ ଭାର ଏସ୍ଆଇ ହିମାଂଶୁ ବେନିଆଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି କହିଛନ୍ତି।

# ବାଇକ୍-କାର୍ ଧକ୍କାରେ ଜଣେ ମୃତ

**ଲକ୍ଷ୍ମୀପୁର,୨୮।୨(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ଡିଡିଘାଟ ନିକଟରେ ବାଇକ୍-କାର୍ ମଧ୍ୟରେ ଧକ୍କା ହେବା ଫଳରେ ବିଜେଡିର ଡି. ପଞ୍ଚଡ଼ା ପଞ୍ଚାୟତର ପୂର୍ବତନ ସଭାପତି ମୋହନ ସମର୍ଲିଆ (୪୭)ଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ, ଗତ ୨୬ ତାରିଖ ସନ୍ଧ୍ୟାରେ ବାଇକ୍ ଯୋଗେ ନିଜ ଗାଁ ଡି. ପଞ୍ଚଡ଼ାକୁ ତୋୟାପୁଟର ସଚିଦାନନ୍ଦ ଗରଡ଼ାଙ୍କୁ ଲିଫ୍ଟ ଦେଇ ଫେରୁଥିବା ସମୟରେ ଡିଡିଘାଟ ନିକଟରେ ଅଜଣା କାର୍ ସହ ଧକ୍କା ହୋଇଥିଲା। ଏଥିରେ ମୋହନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରି କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ଏନେଇ ତାଙ୍କ ସ୍ତ୍ରୀ ଶଶି ଭତରା ଲିଖିତ ଭାବେ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ କୋରାପୁଟ ମେଡିକାଲରୁ ଶବ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ସେଠାରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ପୁଲିସ କହିଛି।

# ପ୍ରାଥମିକ ସେବାଶ୍ରମର ବାର୍ଷିକ ଉତ୍ସବ 'ମହକ'

**ରାମନାଗୁଡ଼ା,୨୮।୨(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ପାରୀକ୍ଷିତି ପଞ୍ଚାୟତ କଣ୍ଡାଜାମ ପ୍ରାଥମିକ ସେବାଶ୍ରମର ବାର୍ଷିକ ଉତ୍ସବ 'ମହକ' ଅନୁଷ୍ଠିତ ହୋଇଛି। ସଭାପତି ଗୌରୀ ତୁଳ, ମୁଖ୍ୟ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବାସୁଦେବ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୂର୍ଯ୍ୟ କୁମୁରିକା, ସମିତିସଭ୍ୟା ଲକ୍ଷ୍ମୀ କାଡ୍ରାକା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦାମୋଦର ହିମିରିକା, ପ୍ରାକ୍ତନ ପ୍ରଧାନସେବକ ଅଜିତ କୁମାର ମହାଙ୍କୁଡ଼, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜେ. ନାଗା ରାଜୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ବିଦ୍ୟାଳୟର ବିକାଶ, ଶିକ୍ଷା ବ୍ୟବସ୍ଥା, ନାରୀ ଶିକ୍ଷା, ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ଲୋକହିତକର କାର୍ଯ୍ୟ ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ତତ୍ ପରେ ବିଦ୍ୟାଳୟ ପାଇଁ ଭୂ-ସମ୍ପତ୍ତି ଦାନ ଦେଇଥିବା ବୟୋଜ୍ୟେଷ୍ଠ ବ୍ୟକ୍ତି ନୀଳକଣ୍ଠ କୁମାରିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ ସମସ୍ତ ମଞ୍ଚାସୀନ ଅତିଥିବୃନ୍ଦ ତଥା ରାମନଗୁଡ଼ା ବ୍ଲକର ସିଆରସିସି ଓ ସାମ୍ବାଦିକମାନଙ୍କୁ ବିଦ୍ୟାଳୟର ପ୍ରଧାନସେବିକା ଗୌରୀ ତୁଳ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗୁଲୁମୁଣ୍ଡା କ୍ଲଷ୍ଟରର ସିଆରସିସି ରମେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସିଆରସିସି ଅଶ୍ୱିନୀ କୁମାର ତ୍ରିପାଠୀ ସଂଯୋଜନା କରିଥିଲେ। ବିଦ୍ୟାଳୟର ପ୍ରଧାନସେବିକା ଗୌରୀ ତୁଳ, ସହକାରୀ ସେବିକା ଟି. ସୁମିତ୍ରା ଦେବୀ, ଜ୍ୟୋସ୍ନାରାଣୀ ସାହୁ, ମେଟ୍ରୋନ୍ ନିଶା ମଣ୍ଡାଙ୍ଗି, ସଞ୍ଜୁ କାଡ୍ରାକା, ସୁଜାତା କାଡ୍ରାକା, ବଳାନ୍ତି ନିଶିକା ପ୍ରମୁଖ ଉତ୍ସବର ପରିକଳ୍ପନା ଓ ପରିଚାଳନା କରିଥିଲେ।

# ହୋଟେଲରେ ଖାଦ୍ୟ ସୁରକ୍ଷା ଅଧିକାରୀ ଓ ପୌରପାଳିକା ଅଧିକାରୀଙ୍କ ଚଢ଼ଉ

**ରାୟଗଡ଼ା,୨୮।୨(ସମିସ):** ରାୟଗଡ଼ା ସହରରେ ଥିବା ବିଭିନ୍ନ ହୋଟେଲ, ରେଷ୍ଟୋରାଁ ଏବଂ ଫାଷ୍ଟ ଫୁଡ୍ ବିକ୍ରି କରୁଥିବା ଉଠା ଦୋକାନୀଙ୍କ ଠେଲାରେ ଚଢ଼ଉ କରାଯାଇଛି। ହୋଟେଲଗୁଡ଼ିକରେ ଗ୍ରାହକମାନଙ୍କୁ ବାସି ଖାଦ୍ୟ ଯୋଗାଇବା ଅଭିଯୋଗ ତଥା ଖାଦ୍ୟର ମାନ ଯାଞ୍ଚ ଏବଂ ଖାଦ୍ୟ ପ୍ରସ୍ତୁତି ନିମନ୍ତେ ବ୍ୟବହାର ହେଉଥିବା ଖାଦ୍ୟ ସାମଗ୍ରୀଗୁଡ଼ିକୁ ତଦାରଖ ପାଇଁ ବୁଧବାର ରାତିରେ ଏହି ଚଢ଼ଉ କରାଯାଇଥିଲା। ରାୟଗଡ଼ା ପୌରପାଳିକା ଏବଂ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ମିଳିତ ଭାବେ ଏହି ଚଢ଼ଉ କରାଯାଇଥିଲା। ପୌରପାଳିକା ସ୍ୱାସ୍ଥ୍ୟ ପରିଦର୍ଶକ ଆଇ.ବାଲାରାଜୁ, ଖାଦ୍ୟ ସୁରକ୍ଷା ଅଧିକାରୀ ଜ୍ୟୋତି ପ୍ରକାଶ ସୋରେନଙ୍କ ସମେତ ପୌରପାଳିକାର ସ୍ୱାସ୍ଥ୍ୟକର୍ମୀମାନେ ଏହି ଚଢ଼ଉରେ ସାମିଲ ହୋଇଥିଲେ। ସହରର ୧୦ଟି ହୋଟେଲ ଏବଂ ୩ଟି ଉଠା ଦୋକାନ ଉପରେ ଚଢ଼ଉ କରାଯାଇଥିଲା। ତେବେ ଓମ ସାଇରାମ ଫାଷ୍ଟ ଏଣ୍ଡ ଫାଷ୍ଟ ଫୁଡ୍ ହୋଟେଲରୁ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ସହ ଆଗାମୀ ଦିନରେ ଗ୍ରାହକଙ୍କୁ ଉଚିତ ମାନର ଖାଦ୍ୟ ପ୍ରଦାନ ନିମନ୍ତେ ଅଧିକାରୀମାନେ ତାଗିଦ କରିଥିଲେ। ରାୟଗଡ଼ା ସହରରେ ଛତୁ ଫୁଟିଲା ଭଳି ହୋଟେଲ, ରେଷ୍ଟୋରାଁ ଏବଂ ଫାଷ୍ଟ ଫୁଡ୍ ଦୋକାନଗୁଡ଼ିକ ଖୋଲାଯାଉଥିବା ବେଳେ ଗ୍ରାହକମାନେ ଖାଦ୍ୟର ମାନ ଜାଣି ନ ପାରି ଅନେକ ସମୟରେ ବାସି ଖାଦ୍ୟ ଖାଇ ଡାକ୍ତରଖାନାରେ ଭର୍ତ୍ତି ହେଉଥିବା ପୂର୍ବରୁ ନଜିର ରହିଛି। ଏଭଳି ଚଢ଼ଉ ବିଭିନ୍ନ ସମୟରେ ଜାରି ରହିଲେ ସହରବାସୀ ତଥା ରାୟଗଡ଼ାକୁ ଆସୁଥିବା ପର୍ଯ୍ୟଟକମାନେ ସଠିକ୍ ମାନର ଖାଦ୍ୟ ପାଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଅପରପକ୍ଷେ ସହରରେ ଥିବା ହୋଟେଲ, ରେଷ୍ଟୋରାଁ ଏବଂ ଫାଷ୍ଟ ଫୁଡ୍ ଦୋକାନରେ ଚଢ଼ଉ କରାଯାଇ ଜରିମାନା ଆଦାୟ ସହ ତାଗିଦ୍ କରାଯାଇଥିବାବେଳେ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ଉ ଜାରି ରହିବ ବୋଲି ପୌରପାଳିକା ସ୍ୱାସ୍ଥ୍ୟ ପରିଦର୍ଶକ ଶ୍ରୀ ବାଲାରାଜୁ ପ୍ରକାଶ କରିଛନ୍ତି।

# ଦୂର ହେବ ଯାତାୟାତ ଯନ୍ତ୍ରଣା: ବ୍ରିଜ୍ ନିର୍ମାଣ କାର୍ଯ୍ୟର ଭୂମିପୂଜନ କଲେ ବିଧାୟକ

**ନନ୍ଦପୁର,୨୮।୨(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର ଯୋଗୀପୁଟ ଓ ସେମେଲା ଗ୍ରାମବାସୀଙ୍କ ଏବେ ଦୂର ହେବ ଯାତାୟାତ ଜନିତ ଯନ୍ତ୍ରଣା। ବହୁ ଦିନର ପ୍ରତିକ୍ଷା ପରେ ବୁଧବାର ସେମେଲା ଓ ଯୋଗୀପୁଟକୁ ସଂଯୋଗ କରୁଥିବା ରାସ୍ତାରେ ପଡୁଥିବା ନାଳ ଉପରେ ବ୍ରିଜ୍ ନିର୍ମାଣ ନେଇ ଭୂମିପୂଜନ କରିଛନ୍ତି ପଟ୍ଟାଙ୍ଗି ବିଧାୟକ ପିତମ କୁମାର ପାଢ଼ି। ଏହି ଅବସରରେ ବିଧାୟକ ଶ୍ରୀ ପାଢ଼ି କହିଛନ୍ତି ସେମେଲା ଓ ଯୋଗୀପୁଟବାସୀଙ୍କ ଦୀର୍ଘ ଦିନର ରାସ୍ତାଜନିତ ଯନ୍ତ୍ରଣା ଦୂର ହେବ। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୪ କୋଟି ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବ ସେମେଲା ନାଳ ଉପରେ ବ୍ରିଜ। ଯାହା ଦୁଇ ଗ୍ରାମବାସୀଙ୍କ ଯାତାୟାତ ସମସ୍ୟା ଦୂର କରିବ ବୋଲି କହିବା ସହ ବହୁଦିନର ପ୍ରତିକ୍ଷା ଦୂର ହୋଇଛି ବୋଲି କହିଛନ୍ତି। ସୂଚିତ ଯେ, କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଖୁର୍ଜୀ ଗ୍ରାମ ପଞ୍ଚାୟତର ସେମେଲା ଗ୍ରାମଠାରୁ ଯୋଗୀପୁଟ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଉପରେ ନାଳ ବାଧକ ସାଜିଥିଲା। ରାଜ୍ୟ ସରକାର ଗ୍ରାମବାସୀଙ୍କ ଯାତାୟାତ ଯନ୍ତ୍ରଣା ବୁଝି ନାଳ ଉପରେ ବ୍ରିଜ୍ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର କରିଛନ୍ତି। ସେପଟେ ବ୍ରିଜ ନିର୍ମାଣ ନେଇ ଭୂମିପୂଜନ ପରେ ଦୁଇ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ମୁନା ଦଳପତି, ପ୍ରଭାତ ଗୁରୁମାଇ, ବିଜେଡିର ଖୁର୍ଜି ଗ୍ରାମ ପଞ୍ଚାୟତ ସଭାପତି ଚିରଞ୍ଜିବ ଖରା, ଖୁର୍ଜି ଗ୍ରାମ ପଞ୍ଚାୟତ ସରପଞ୍ଚ ପଦଲାମ୍ ହନ୍ତାଳ, ସମିତିସଭ୍ୟ ସଦନ ଗୁରୁମାଇ, ଶ୍ୟାମ ଖରା, ଗୋପୀ ଅଲଙ୍କ, ମାଧବ ବରୁଡ଼ି, ହରି ମାଟାମଙ୍କ ସମେତ ଶତାଧିକ ଗ୍ରାମବାସୀ ଯୋଗଦେଇଥିଲେ।



# ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କୋରାପୁଟ,୨୮।୨(ସମିସ):** ଜୟପୁରଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦଘାଟନ କରିବାକୁ ଥିବାବେଳେ ଉକ୍ତ ଉତ୍ସବରେ ଯୋଗଦେବାକୁ ଆସିଥିବା ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସରେ ଜିଲ୍ଲା ପ୍ରଶାସନ ଏବଂ ବିଜୁ ଜନତା ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା, କୋରାପୁଟ ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନି, କୋରାପୁଟ ଜିଲ୍ଲା ବିଜେଡି ଯୁଗ୍ମ ସମ୍ପାଦକ ଟି. କିରଣ କୁମାର, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲା ଯୁବ ବିଜେଡି ସଭାପତି ଲଲାଟ ରଞ୍ଜନ ସେଠୀ, ଦଶମନ୍ତପୁର କଲେଜ ଅଧ୍ୟକ୍ଷ ତ୍ରିନାଥ ପାତିକା ଓ କୋରାପୁଟ ପୌର ପରିଷଦର କାଉନସିଲରମାନେ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ସର୍କିଟ ହାଉସଠାରେ ବିଜେଡି ନେତା ଓ କର୍ମୀମାନଙ୍କୁ ନେଇ ମନ୍ତ୍ରୀ ଶ୍ରୀ ପଣ୍ଡା ସାଂଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଅପରାହ୍ଣରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଉଦଘାଟନ ଉତ୍ସବରେ ଯୋଗଦେବାକୁ ଜୟପୁର ଗସ୍ତ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

**ଜୟପୁର,୨୮।୨(ସମିସ):** ଜୟପୁର ସଦର ଥାନା କଙ୍ଗା ଗ୍ରାମ ପଞ୍ଚାୟତର ଶିବଗୁଡ଼ା ଗ୍ରାମରେ ବୁଧବାର ଜଣେ କାର୍ଯ୍ୟରତ ଶ୍ରମିକ ମଦନ ଗାଦବା (୨୫) ନିକଟସ୍ଥ ୧୧ କେଭି ବିଦ୍ୟୁତ ତାରରେ ସଂସ୍ପର୍ଶ ଆସି ପ୍ରାଣ ହରାଇଛନ୍ତି। ମୃତ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ଗୁରୁବାର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି। ଏନେଇ ସଦର ଥାନା ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି। ପ୍ରକାଶ ଯେ, ବୁଧବାର ଅପରାହ୍ଣରେ ଶିବଗୁଡ଼ା ଗ୍ରାମରେ ବିଦ୍ୟୁତ ଖୁଣ୍ଟ ପୋତା କାମ ଚାଲିଥିଲା। ମଦନ ଗୋଟିଏ ପାଳ ଗଦା ଉପରକୁ ଖୁଣ୍ଟ ଧରି ଗାତରେ ଖୁଣ୍ଟ ପୋତିବାକୁ ଚଢ଼ିଥିଲେ। ଏହି ସମୟରେ ଖୁଣ୍ଟଟି ଉପରେ ଯାଇଥିବା ୧୧ କେଭି ତାର ସଂସ୍ପର୍ଶରେ ଆସିଯିବା ଯୋଗୁଁ ମଦନଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ଅନ୍ୟ ଶ୍ରମିକମାନେ ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ସେଠାରୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଚଳନ୍ତା ବସ୍‌ରୁ ଖସି ଜଣେ ମୃତ, ଜଣେ ଗୁରୁତର

**କୋଲାବନଗର,୨୮।୨(ସମିସ):** କୋରାପୁଟ ସଦର ଥାନା ଅନ୍ତର୍ଗତ ବିଲାପୁଟ ଘାଟି ନିକଟରେ ଚଳନ୍ତା ବସରୁ ଖସିପଡ଼ି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଜଣକ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ମୃତକଙ୍କ ପରିବାରର ଅଭିଯୋଗ ଆଧାରରେ ସଦର ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ସଦର ଥାନା ଆଇଆଇସି ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ସର୍ବେଶ୍ୱରୀ ନାମକ ଏକ ଘରୋଇ ବସରେ ଜୟପୁରରୁ ଦାମନଯୋଡ଼ି ଆସୁଥିବାବେଳେ ସେହି ବସରେ ଜୟପୁର ଉମୁରୀର ୨ ଜଣ ଯୁବକ ଯାତ୍ରା କରୁଥିଲେ। ବିଲାଘାଟି ନିକଟରେ ଅପରାହ୍ଣ ୨ଟା ସମୟରେ ବସର ପଛ ଗେଟରୁ ୨ ଜଣ ଖସି ପଡ଼ିଥିଲେ। ତୁରନ୍ତ ୨ ଜଣଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମେଡିକାଲରେ ଡାକ୍ତର ରବିନ୍ଦ୍ର ସାହୁଙ୍କୁ (୩୫) ମୃତ ଘୋଷଣା କରିଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଆହତଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ସୂଚନା ଅନୁଯାୟୀ, ଗୁରୁବାର ଶବ ବ୍ୟବଚ୍ଛେଦ କରାଯିବା ପରେ ମୃତକଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବ।

ଏକାଦଶାହ ଉପଲକ୍ଷେ



ସ୍ୱ ପୂର୍ଣ୍ଣଶଶୀ ମହାନ୍ତି

ବୋଉ,
ତୁ ଥିଲୁ ଆମ ଯୌଥ ପରିବାରର ମଙ୍ଗ। ତୋ' ସ୍ନେହ, ମମତା, ଆନ୍ତରିକତା, ପରୋପକାରିତା ଓ ଧର୍ମପରାୟଣତା ଆମ ସ୍ମୃତିରେ ସବୁବେଳେ ରହିବ। ସେ ପୁରରୁ ଆମମାନଙ୍କୁ ଆଶିଷ ଦେବୁ - ତୋ'ଆଦର୍ଶ, ତ୍ୟାଗ ଓ ମହନୀୟତାରେ ଅନୁପ୍ରାଣିତ ହେବାପାଇଁ। ତୋ ଶେଷ ଜୀବନର କଷ୍ଟ ଆମମାନଙ୍କୁ ବ୍ୟଥିତ କରିଥିଲା ସତ, ହେଲେ ତାହା ବୋଧେ ଥିଲା ବିଧିନିର୍ଦ୍ଦିଷ୍ଟ। ତୋ' ପରି ମାଆ ଟିଏ ପାଇ ଆମେ ସମସ୍ତେ ଧନ୍ୟ। ତୋ'ଆତ୍ମାର ମୋକ୍ଷ ଓ ସଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ, ନାତି, ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣ ନାତୁଣୀ ଓ ଆତ୍ମୀୟ ସ୍ୱଜନ

# ୩ ବର୍ଷ ବିତିଲାଣି; ଅଧପନ୍ତରିଆ ବାମୁଣୀ-କୁପିଆ ଗାଁ ରାସ୍ତା

● ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

**ବୋରିଗୁମ୍ମା,୨୮।୨(ସମିସ):** ବୋରିଗୁମ୍ମା ବ୍ଲକ ଅଞ୍ଜଳା ପଞ୍ଚାୟତର ବାମୁଣୀ ଗାଁରୁ କୁପିଆ ଗାଁ ଦେଇ ୨୦୧ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ହେଉଥିବା ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୩ ବର୍ଷ ବିତିଥିଲେ ମଧ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ଯାହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ କୁପିଆ ଗ୍ରାମବାସୀ ଜିଲ୍ଲାପାଳ ଭି କୀର୍ତ୍ତିଭାସନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସମ୍ପୂର୍ଣ୍ଣ କରିବାକୁ ଦାବି କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବୋରିଗୁମ୍ମା ବ୍ଲକ୍ ଅଞ୍ଜଳା ପଞ୍ଚାୟତର ବାମୁଣୀ ଗାଁରୁ କୁପିଆ ଗାଁ ପଞ୍ଚାୟତ ଦେଇ ୨୦୧ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ତିନି ବର୍ଷ ବିତିଛି। କିନ୍ତୁ ନିର୍ମାଣ କାର୍ଯ୍ୟ ନେଇଥିବା ସଂସ୍ଥାର ଅବହେଳା ଯୋଗୁଁ ତାହା ଏଯାଏଁ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଫଳରେ ୫ଖଣ୍ଡ ଗ୍ରାମବାସୀ ପ୍ରତିଦିନ ବହୁ ଅସୁବିଧାରେ ଯାତାୟାତ କରୁଛନ୍ତି। ଠିକା ସଂସ୍ଥାର ଦେଖା ମିଳୁ ନ ଥିବାବେଳେ ବିଭାଗୀୟ ଅଧିକାରୀ ବି ତାଗିଦ୍ କରୁ ନ ଥିବା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବାମୁଣୀ ଗାଁଠାରୁ ୨୦୧ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରିବାକୁ ଦୀର୍ଘ ୭ କିମି ଦୂରତାର ଏହି ରାସ୍ତା ନିର୍ମାଣ କାର୍ଯ୍ୟ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଆରମ୍ଭ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା ନିର୍ମାଣ କାର୍ଯ୍ୟର ଦାୟିତ୍ୱ ଏମବିସିସି ନାମକ ସଂସ୍ଥା ଜରିଆରେ ଆରଡି ବିଭାଗର ତତ୍ତ୍ୱାବଧାନରେ ବିଗତ ୩ ବର୍ଷ ହେଲା ନିର୍ମାଣାଧୀନ ୭ କିମି ରାସ୍ତା କାର୍ଯ୍ୟରୁ ୧ କିମି ରାସ୍ତା ଅଧପନ୍ତରିଆ ହୋଇ ପଡ଼ିରହିଛି। ଏହି ଠିକା ସଂସ୍ଥା ୬ କିମି ରାସ୍ତା ନିର୍ମାଣ କରି ବଳକା କୁପିଆ ଗାଁଠାରୁ ଅଞ୍ଜଳା ପର୍ଯ୍ୟନ୍ତ ୧ କିମି ରାସ୍ତା ନିର୍ମାଣ କାର୍ଯ୍ୟ କରିନି। ଫଳରେ କୁପିଆ, ବନ୍ଧଗୁଡ଼ା, ମୁଣ୍ଡିଗୁଡ଼ା, ମଳିନିଭଙ୍ଗା, ବାମୁଣି, ଚକର୍ଲିଗୁଡ଼ା ଏବଂ ପୁରୁଣା ଅଞ୍ଜଳା ଗ୍ରାମବାସୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି କାର୍ଯ୍ୟରେ ପଞ୍ଚାୟତକୁ ଯିବା ପାଇଁ ଅଥବା ମେଡିକାଲକୁ ଯିବାକୁ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେଉଁ କାରଣରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟକୁ ଅସମ୍ପୂର୍ଣ୍ଣ କରି ଛାଡ଼ି ଦିଆଯାଇଛି ତାହା ଉପରେ ବିଭାଗୀୟ କର୍ତ୍ତୃପକ୍ଷ ଅନୁସନ୍ଧାନ କରି ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ଏହି ୫ ଖଣ୍ଡ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଦାବି ଜଣାଇଥିବା ସୂଚନା ମିଳିଛି।



# ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

**ଜୟପୁର,୨୮।୨(ସମିସ):** ଜୟପୁର ବ୍ଲକ୍ କାର୍ଯ୍ୟାଳୟଠାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ ମନରେଗାର ବିଭିନ୍ନ ଦିଗ ଓ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏଥିରେ ସମୁଦାୟ ୮୪ଟି ବିଷୟକୁ ନେଇ ଆଲୋକପାତ କରାଯାଇଥିଲା। ଏଥିରେ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲାସ୍ତରୀୟ ଓମ୍ବୁଡସମ୍ୟାନ ଡା. ନଳନୀ ଟାକ୍ରୀ, ମନରେଗାର ଜିଲ୍ଲା ସଂଯୋଜକ ଜୟନ୍ତ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ଯୋଗାଣ ନିରୀକ୍ଷକ ହରିଶ ମଲ୍ଲିକ, ଏପିଓ ମାନସ କର, ସାମାଜିକ ସମୀକ୍ଷକ ବାବି ଜନ୍ ସ୍ମିଥ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଜିଆର୍ଏସ୍ ପ୍ରମୁଖ ଉପସ୍ଥିତ ଥିଲେ।



### ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ

# ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ



**ଦଶମନ୍ତପୁର,୨୮।୨(ସମିସ):** ଜନନୀ ଯନ୍ତ୍ରଣା କମିବାର ନାଁ ଧରୁନି। ରାସ୍ତା ଖରାପ ଯୋଗୁଁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ। ବାଧ ହୋଇ ପୁଣି ଆଉ ଜଣେ ଗର୍ଭବତୀ ମହିଳାଙ୍କୁ ୩ କିମି ଦୂର ଭାରରେ ବୁହା ହୋଇ ଡାକ୍ତରଖାନାକୁ ନିଆଯାଇଥିବା ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡ଼ା ପଞ୍ଚାୟତ ଅଧୀନସ୍ଥ ଡୁମୁରିଗୁଡ଼ା ଗ୍ରାମର ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି। ସମ୍ପୃକ୍ତ ମହିଳା ଜଣକ ହେଲେ ଆଦିବାସୀ ସାହିର ନୀଳ ସାଉଁନ୍ତାଙ୍କ ସ୍ତ୍ରୀ ସୁକାରୀ ସାଉଁନ୍ତା (୩୫)। ମହିଳା ଜଣକ ଗର୍ଭବତୀ ଥିବାବେଳେ ତାଙ୍କ ଭୀଷଣ ଗର୍ଭ ଯନ୍ତ୍ରଣା ହୋଇଥିଲା। ହେଲେ ଗାଁକୁ ଉପଯୁକ୍ତ ରାସ୍ତା ନ ଥିବାରୁ ମହିଳାଙ୍କ ସ୍ୱାମୀ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଗାଁକୁ ଆଜକୁ ଦୀର୍ଘ ବର୍ଷ ହୋଇଯିବ ଖଣ୍ଡିଏ ରାସ୍ତା ନ ଥିବାରୁ ସ୍ୱାମୀଙ୍କ ସହ ଗ୍ରାମର ଭାଗବାନ ସାଉନ୍ତା, ବୃନ୍ଦାବନ ସାଉଁନ୍ତା, ସୋମନାଥ ସାଉଁନ୍ତା, ଈଶ୍ୱର ସାଉଁନ୍ତା ଏବଂ ଆମ୍ବୁଲାନ୍ସ କର୍ମଚାରୀଙ୍କ ସହାୟତାରେ ଷ୍ଟ୍ରେଚର ସାହାଯ୍ୟରେ ପାଳି କରି ୩ କିମି ଦୂର 'ତାମିଲି' ଛକ ଯାଏ ବୋହି ଆଣିଥିଲେ। ଛକରେ ଅପେକ୍ଷା କରିଥିବା ୧୦୮ ଯୋଗେ ସେଠାରୁ ଗର୍ଭବତୀ ମହିଳାଙ୍କୁ ସ୍ଥାନୀୟ ପୋଡ଼ାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ମହିଳା ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିବା ଜଣାପଡ଼ିଛି। ଗାଁକୁ ଯାତାୟାତ ପାଇଁ ନିତିଦିନିଆ ଭଲ ରାସ୍ତା ସୁବିଧା ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନଜରକୁ ଆସୁଛି। ଏହି ଗ୍ରାମବାସୀଙ୍କ ପାଇଁ ଏଭଳି ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ବୋହି ନେବା କିଛି ନୂଆ କଥା ନୁହେଁ। ଏହି ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବହୁବାର ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଥିବା ନଜରକୁ ଆସିଛି।

### ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

# ଜରୁରିକାଳୀନ ପରିସ୍ଥିତିରେ ଆସିପାରୁନି ଆମ୍ବୁଲାନ୍ସ

**ମୁନିଗୁଡ଼ା,୨୮।୨(ସମିସ)**





ଉପାନ୍ତ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଲୋକାଭିମୁଖୀ ଯୋଜନା ପ୍ରସ୍ତୁତ କରୁଛନ୍ତି। ରାସ୍ତାଘାଟ, ପାନୀୟ ଜଳ, ଶିକ୍ଷା, ବିଜୁଳି ଆଲୁଅ ଭଳି ଅନେକ ଯୋଜନା ପ୍ରସ୍ତୁତ କରି ଗ୍ରାମାଞ୍ଚଳର ବିକାଶ କରୁଥିବାବେଳେ କିଛି ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତାର ଅଭାବ

**● ନିର୍ବାଚନ ପୂର୍ବରୁ ରାସ୍ତା ନିର୍ମାଣ ନ ହେଲେ ଭୋଟ୍ ବର୍ଜନ ଚେତାବନୀ**

ଓ ଜନପ୍ରତିନିଧୀମାନଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏବେବି ଯୋଜନାଗୁଡ଼ିକ ଯୋଜନ ଦୂରରେ ଅଟକି ରହୁଛି। ଏହିଭଳି ଏକ ଅତିଆବଶ୍ୟକ ମୌଳିକ ସୁବିଧାରୁ ବଞ୍ଚିତ ଡମେନପାଡୁ ଓ ଡେରାଗୁମା ଗ୍ରାମବାସୀ। ଗାଁକୁ ଭଲ ପକ୍କା ରାସ୍ତାଟିଏ ନ ଥିବାରୁ ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ୍ୟ ଆସିପାରୁନି।

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଇଚ୍ଛାପୁର ପଞ୍ଚାୟତର ବହୁ ଦୂରରେ ଡମେନପାଡୁ ଓ ଡେରାଗୁମା ଗ୍ରାମ। ଡମେନପାଡୁ ଗ୍ରାମରେ ୮୦ ପରିବାରର ୫ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସେହିପରି ଡେରାଗୁମା ତଳସାହି ଓ ଉପର ଜନଜାତି ସାହିରେ ୧୫ ପରିବାର ଏବଂ ଡେରାଗୁମା ଗୌଡ଼ ସାହିରେ ୩୦ ପରିବାର ବସବାସ କରୁଥିବାବେଳେ ମୋଟ ହଜାରେରୁ ଅଧିକ ଲୋକ ବସବାସ କରୁଛନ୍ତି। ଜାତୀୟ ରାଜପଥରୁ ଡମେନପାଡୁ ଗ୍ରାମ ମାତ୍ର ୩୦୦ ମିଟର ଦୂରରେ ରହିଥିବାବେଳେ ଗାଁକୁ ଭଲ ରାସ୍ତାଟିଏ ନାହିଁ। ଦୀର୍ଘ ବର୍ଷ ହେବ ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାରେ ଯେଉଁ ମାଟି ରାସ୍ତା ନିର୍ମାଣ ହୋଇଥିଲା, ତାହା ସମ୍ପୂର୍ଣ୍ଣ ଭାଙ୍ଗି ଗଲାଣି। ରାସ୍ତା କଡ଼ରେ ଡ୍ରେନେଜ ନ ଥିବାରୁ ବର୍ଷାଦିନେ ରାସ୍ତା କାଦୁଅ ପଚପଚ ହେଉଥିବାବେଳେ ଘର ଭିତରକୁ ବର୍ଷା ପାଣି ପଶି ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଡେରାଗୁମା କଥା ନ କହିଲେ ଭଲ। ଡମେନପାଡୁରୁ ଡେରାଗୁମା ଗୌଡ଼ ସାହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାବେଳେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଜରୁରିକାଳୀନ ପରିସ୍ଥିତିରେ ଗାଁକୁ ଆମ୍ବୁଲାନ୍ସ ଆସୁ ନ ଥିବାବେଳେ ବର୍ଷା ସମୟରେ ସାଇକଲଟିଏ ଯିବା ଅସମ୍ଭବ ହୋଇ ପଡୁଥିବା ଗ୍ରାମବାସୀ ଜଣାଇଛନ୍ତି। ସେହିପରି ଡେରାଗୁମା ଆଦିବାସୀ ସାହିକୁ ପାଦଚଲା ରାସ୍ତା ହିଁ ସାହା ଭରସା। ଉକ୍ତ ଗ୍ରାମରେ ଜରୁରିକାଳୀନ ପରିସ୍ଥିତିରେ କୌଣସି ଗର୍ଭବତୀ ହୁଅନ୍ତୁ କିମ୍ବା କୌଣସି ରୋଗୀଙ୍କୁ ମେଡିକାଲ ନେବାକୁ ହେଲେ ଖଟିଆରେ ବୁହା ହୋଇ ଦୁଇ କିଲୋମିଟର ଆସିବା ପରେ ଆମ୍ବୁଲାନ୍ସ ଦ୍ୱାରା ନିଆଯାଇଥାଏ ବୋଲି ଉକ୍ତ ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି। ଗ୍ରାମବାସୀମାନେ ଗ୍ରାମର ସମସ୍ୟା ବିଷୟରେ ପଞ୍ଚାୟତଠାରୁ ଆରମ୍ଭ କରି ମୁନିଗୁଡ଼ା ପଞ୍ଚାୟତ ସମିତି ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସମସ୍ୟାର କୌଣସି ସମାଧାନ ହୋଇପାରି ନାହିଁ। ଏହି ସମସ୍ୟା ବିଷୟରେ ଗ୍ରାମବାସୀ ବହୁବାର ଲୋକ ପ୍ରତିନିଧିମାନଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ନ ହେବାରୁ ଗ୍ରାମବାସୀ ବିରକ୍ତିଭାବ ପ୍ରକାଶ କରିବା ସହ ସାଧାରଣ ନିର୍ବାଚନ ପୂର୍ବରୁ ଗାଁକୁ ରାସ୍ତା ନିର୍ମାଣ କରା ନ ଗଲେ ଭୋଟ୍ ବର୍ଜନ କରିବା ପାଇଁ ଚେତାବନୀ ଦେଇଛନ୍ତି।

ଡମେନପାଡୁ ଗ୍ରାମରେ ଥିବା ବିଦ୍ୟାଳୟଟି ମଧ୍ୟ ଅବହେଳିତ ଅବସ୍ଥାରେ ରହିଛି। ବିଦ୍ୟାଳୟଟି ଖୋଲାମେଲା ସ୍ଥାନରେ ରହିଥିବାବେଳେ ଚାରିପଟେ ସୁରକ୍ଷିତ ପାଚେରି ନାହିଁ। ତେଣୁ ବିଭିନ୍ନ ସମୟରେ ସରୀସୃପ ଭଳି ବିଷାକ୍ତ ଜନ୍ତୁ ବିଦ୍ୟାଳୟ ଭିତରକୁ ପ୍ରବେଶ କରୁଥିବାରୁ ବିପଦପୂର୍ଣ୍ଣ ଭାବେ ଛାତ୍ରଛାତ୍ରୀମାନେ ପାଠ ପଢୁଥିବା ଗ୍ରାମବାସୀମାନଙ୍କଠାରୁ ଜଣାପଡ଼ିଛି। ବିଦ୍ୟାଳୟର ପାଚେରି ପାଇଁ ବହୁବାର ବ୍ଲକ୍ ପ୍ରଶାସନିକ ଅଧିକାରୀମାନଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବିଦ୍ୟାଳୟର ମରାମତି କାର୍ଯ୍ୟ ବାବଦକୁ ଆସିଥିବା ଅର୍ଥକୁ ପାଚେରି ନିର୍ମାଣ କରିବା ପାଇଁ ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କୁ ବାଧ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ତେବେ ଇଚ୍ଛାପୁର ପଞ୍ଚାୟତର ଏହି ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସହ ପ୍ରଶାସନର ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ରାସ୍ତା ନିର୍ମାଣ ଓ ଗ୍ରାମର ମୌଳିକ ସମସ୍ୟା ଦୂର ନ ହେଲେ ଭୋଟ୍ ବର୍ଜନ କରିବା ପାଇଁ ଡମେନପାଡୁ ଗ୍ରାମର ଗୋବିନ୍ଦ ବଛା, ସୁଖଚନ୍ଦ୍ର ବଛା, ଯୁଗରାମ ବଛା, ସୁବାସ ବଛା, କେଶବ ବଛା, ଦୁର୍ଯ୍ୟୋଧନ ବଛା, ଟେକେନ୍ଦ୍ର ବଛା, ଖଗେଶ୍ୱର ବଛା, ମଧୁସୂଦନ ବଛା, ଡମ୍ବରୁଧର ବଛା, ଅର୍ଜୁନ ବାଗ ଓ ଡେରାଗୁମା ଗ୍ରାମର କୁଲୁଞ୍ଜା ମାଝୀ, ରାକେଶ ମାଝୀ, ନନ୍ଦ ମାଝୀ, ପୂର୍ଣ୍ଣ ମାଝୀ, କେନ୍ଦୁ ମାଝୀ ପ୍ରମୁଖ ଚେତାବନୀ ଦେଇଛନ୍ତି। ସମସ୍ୟା ବିଷୟରେ ମୁନିଗୁଡ଼ା ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତମ କୁମାର ତନ୍ତୀଙ୍କୁ ଯୋଗାଯୋଗ କରିବାରୁ ଗୁରୁବାର ଉକ୍ତ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପାଇଁ କହିଛନ୍ତି।

## ଏସ୍‌ଡିସି ପକ୍ଷରୁ ବ୍ଲକ୍‌ସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ



**ଲକ୍ଷ୍ମୀପୁର,୨୮।୨(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଶୁଭାରମ୍ଭ କରାଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଆୟୋଜିତ ଏହି କ୍ରିକେଟ ପ୍ରତିଯୋଗିତା ପ୍ରାୟ ୩ ଦିନ ଧରି ଚାଲୁ ରହିବ। ମାର୍ଚ୍ଚ ୧ ତାରିଖରେ ଫାଇନାଲ ମ୍ୟାଚ୍ ଆୟୋଜିତ ହେବା ନେଇ ବ୍ଲକ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଉଦଘାଟନୀ ଦିବସରେ ଓଡ଼ିଆପେଣ୍ଠ, ପିପଲପଦର, ଭିତରଗଡ଼, କୁସୁମଗୁଡ଼ା, ପଞ୍ଚଡ଼ା ଓ ବୁର୍ଜା ଭଳି ୬ଟି ପଞ୍ଚାୟତର ୫ଟି ଟିମକୁ ନେଇ ଖେଳ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ମ୍ୟାଚ ପିପଲପଦର ଏବଂ ଓଡ଼ିଆପେଣ୍ଠ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ପିପଲପଦର ଟିମ୍ ବ୍ୟାଟିଂ କରି ୮୪ ରନର ଲକ୍ଷ୍ୟ ଓଡ଼ିଆପେଣ୍ଠକୁ ଦେଇଥିଲା। ପ୍ରଥମ ଲିଗ୍ ମ୍ୟାଚରେ ଓଡ଼ିଆପେଣ୍ଠ ପରାସ୍ତ ହୋଇଥିଲା। ଏଭଳି ଖେଳକୁଦମାନ କରି ଗ୍ରାମାଞ୍ଚଳରେ ଯେଉଁସବୁ ପ୍ରତିଭା ଲୁକ୍କାୟିତ ଭାବେ ରହି ଯାଉଛନ୍ତି ସେମାନଙ୍କୁ ଚୟନ କରି ଆଗକୁ ସୁଯୋଗ ଯୋଗାଇ ଦେବା ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟ ବୋଲି ଉଦଘାଟନୀ ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଜେଡି ଜିଲ୍ଲା ସଭାପତି ଝିନ୍ନ ହିକକା କହିଥିଲେ। ବ୍ଲକ କର୍ମଚାରୀ ତଥା କନିଷ୍ଠ ଯନ୍ତ୍ରୀ ଏମ୍ ପଓ୍ୱନ କୁମାର, ଜିପିଓ ସୁଧୀର କୁମାର ବେହେରା, ବ୍ଲକ ମଙ୍ଗଳ ଅଧିକାରୀ ଭୋଗତେଶ୍ୱର ସ୍ୱାଇଁ, ବିପିଏମ୍ ପ୍ରକାଶ କୁମାର ସେଠୀ ରହିଥିବାବେଳେ ଏସଡିସି ସଭ୍ୟ ପାରଦା କୁଲେସିକା, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା, ଅଧ୍ୟକ୍ଷା ଶୁଆଇ କୁଲେସିକା, ଉପାଧ୍ୟକ୍ଷା ଆରତି କୁଲଦୀପ, ବିଜେଡି ଛାତ୍ର ସଭାପତି ଚୌବନ ଖୋସଲାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୬ଟି ଟିମ୍ ମଧ୍ୟରୁ ପିପଲପଦର ଓ ପଞ୍ଚଡ଼ା ଏହି ଦୁଇଟି ଟିମ୍ ବିଜୟ ହାସଲ କରି ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ବ୍ଲକର ୧୩ଟି ଟିମ୍ ଅଂଶ ଗ୍ରହଣ କରିଛନ୍ତି। ଅବଶିଷ୍ଟଙ୍କୁ ୨୯ ତାରିଖରେ ଖେଳାଇ ମାର୍ଚ୍ଚ ୧ ତାରିଖରେ ଫାଇନାଲ ଖେଳିବେ ବୋଲି କୁହାଯାଇଛି।

## ସୀମାନ୍ତରେ ୪ ମାଓବାଦୀ ଗିରଫ; ବୋମା ଓ ବିସ୍ଫୋରକ ସାମଗ୍ରୀ ଜବତ

**ମାଲକାନଗିରି,୨୮।୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ୪ ଜଣ ମିଲିସିଆ ସଦସ୍ୟଙ୍କୁ ଗିରଫ କରିବା ସହ ଅନେକ ମାଓ ସାମଗ୍ରୀ ଜବତ କରିଛି ପୁଲିସ।



ମିଳିଥିବା ସୂଚନା ଅନୁଯାୟୀ, ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଥିବା କୁଟ୍ରୁର ଥାନା ଅଞ୍ଚଳରେ ସ୍ଥାନୀୟ ପୁଲିସ ଏବଂ ଡିଆରଜିର ଯବାନମାନେ ମିଳିତ ଭାବେ ମାଓଦମନ ନିମନ୍ତେ ସର୍ଚ୍ଚ ଅପରେସନ ଜାରି ରଖିଥିଲେ। ଏହି ସୀମାରେ ଯବାନମାନେ ଅଞ୍ଚଳରେ ଥିବା ରଣୀବୋଡଲି, ମୁକାରାମ ଏବଂ ତାଡମେର ଆଡ଼କୁ ଅଗ୍ରସର ହେଉଥିବାବେଳେ କୁଟ୍ରୁର ରାସ୍ତା କଡ଼ରେ ଥିବା ଜଙ୍ଗଲରେ କିଛି ବ୍ୟକ୍ତିଙ୍କୁ ଯବାନମାନେ ଦେଖିଥିଲେ। କିନ୍ତୁ ସେମାନେ ଯବାନମାନଙ୍କୁ ଦେଖି ସେଠାରୁ ପଳାଇବାକୁ ଚେଷ୍ଟା କରିଥିଲେ। ଯବାନମାନେ ସନ୍ଦେହ କରି ୪ ଜଣଙ୍କୁ କାବୁ କରିବା ସହ ପଚରାଉଚରା କରିବାରୁ ସେମାନେ ମାଓ ସଂଗଠନର ସଦସ୍ୟ ଭାବେ କାର୍ଯ୍ୟ କରୁଥିବା ସ୍ୱୀକାର କରିଥିଲେ। ଯବାନମାନେ ସେମାନଙ୍କ ନିକଟରେ ଥିବା ବ୍ୟାଗଗୁଡ଼ିକ ଯାଞ୍ଚ କରିବାରୁ ସେଠାରୁ ଏକ ଟିଫିନ୍ ବୋମା, ବ୍ୟାଟେରି, କର୍ଡେକ୍ସ ତାର, ଫ୍ୟୁଜ୍, ଇଲେକ୍ଟ୍ରିକ୍ ତାର ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରିଥିଲେ। ଅଭିଯୁକ୍ତମାନେ କହିଛନ୍ତି ଯେ ସୁରକ୍ଷା କର୍ମୀଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ଅଞ୍ଚଳରେ ସେମାନେ ବୋମା ଖଞ୍ଜିବାକୁ ଆସିଥିଲେ। ଏହାପରେ ଯବାନମାନେ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଆହୁରି ଜୋରଦାର କରିଛନ୍ତି। ଗିରଫ ମାଓବାଦୀମାନେ ହେଲେ ମିଲିଟାରୀ ସଦସ୍ୟ ସୁଦ୍ଦୁ ମାଡଭି, ମିଲିସିଆ ସଦସ୍ୟ ରାମୁ ବେଦଜା, ବୁଦ୍ଧରାମ ତାତି ଏବଂ ଲାଖମୁ କଲମୁ।

## ଉଜ୍ଜ୍ୱଳା ଦିଦି ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ୩ ଦଫା ଦାବିପତ୍ର

**କୋଲନରା,୨୮।୨(ସମିସ):** ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ ପକ୍ଷରୁ ୩ ଦଫା ଦାବି ନେଇ କଲୋନରା ବ୍ଲକ ପକ୍ଷରୁ ମଙ୍ଗଳବାର କଲୋନରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ କଲୋନରା ବ୍ଲକ ଶାଖା ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ରୀନା ପ୍ରଧାନଙ୍କ ଜରିଆରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡ଼ିକ ମଧ୍ୟରେ ଉଜ୍ଜ୍ୱଳା ଦିଦିମାନଙ୍କୁ ଦାୟିତ୍ୱ ଦେବା ସମୟରେ ଯେଉଁ ସବୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହାକୁ କାର୍ଯ୍ୟକାରୀ କରାଯିବା, ସମସ୍ତ ଉଜ୍ଜ୍ୱଳା ଦିଦି ମାନଙ୍କ ସାମାଜିକ ସୁରକ୍ଷା ଓ ସେମାନଙ୍କୁ କର୍ମ ନିଯୁକ୍ତି ଯୋଜନାରେ କାମ ଯୋଗାଇ ଦେବା ସହ ପାରିଶ୍ରମିକ ଯୋଗାଇ ଦିଆଯିବା ରହିଛି। ବ୍ଲକ ସଂଯୋଜିକା କଟି କାଡ୍ରାକାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ସମ୍ମାନିତ ଅତିଥି ଭାବେ ଉଜ୍ଜ୍ୱଳା ଦିଦି ସଂଘର ଜିଲ୍ଲା ସଂଯୋଜିକା ଭବାନୀ ନୀମାଲ, ଭାରତୀୟ ମଜଦୁର ସଂଘର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ, ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ, ସହ ସମ୍ପାଦିକା ନେହା ସିଂ, ନଗର ସଭାପତି ଶିବ ପ୍ରସାଦ ସିଂ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ବ୍ଲକ ସଂଘର ଯମୁନା କାଡ୍ରାକା, ରଶ୍ମିତା ପିରିବିକା, ବନିତା କୁର୍ମିକା, ସୌଜନ୍ୟା ପିରବିକାଙ୍କ ସହ ବ୍ଲକର କାର୍ଯ୍ୟକାରୀ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



## ଆଗୁଳ ସେବାଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ



**ମୁନିଗୁଡ଼ା,୨୮।୨(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଆଗୁଳ ସେବାଶ୍ରମରେ ୭୭ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସେବାଶ୍ରମର ପ୍ରଧାନଶିକ୍ଷକ ପରେଶ କୁମାର ପରିଚ୍ଛାଙ୍କ ଆବାହକ ଓ ପରିଚାଳନା କମିଟି ସଭାପତି ଅର୍ଜୁନ ପଶିକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାୟଗଡ଼ା ଓ ଗଜପତି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ୟାମଘନ ଭୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଗୁଳ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ପ୍ରକାଶ ଚନ୍ଦ୍ର ସାହୁ, ସରପଞ୍ଚ ସୁନୀତା ପିଡିକାକା, ସାମ୍ବାଦିକ ଅଜିତ ଗୌଡ ପ୍ରମୁଖ ଯୋଗ ଦେଇଥିଲେ। ସେବାଶ୍ରମର ପ୍ରଧାନଶିକ୍ଷକ ଶ୍ରୀ ପରିଚ୍ଛା ମଞ୍ଚ ପରିଚାଳନା, ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମାନପତ୍ର ସହ ଟ୍ରଫି ଦେଇ ସମ୍ମାନିତ କରାଯାଇଥିବା ବେଳେ ଅବସରପ୍ରାପ୍ତ ରୋଷେୟା ଜଟିଆ ମିଣିଆକାଙ୍କୁ ଉପଢୌକନ ସହିତ ଭଗବଦ୍ ଗୀତା ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀମାନଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ସନ୍ତୋଷ ବାତ୍ରିଆ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ଭୂଜ ୱାଡକା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜାତୀୟ ବିପର୍ଯ୍ୟୟ ପରିଚାଳନା ସଚେତନତା



**ନନ୍ଦପୁର,୨୮।୨(ସମିସ):** ଜାତୀୟ ବିପର୍ଯ୍ୟୟ ପରିଚାଳନା ସଚେତନତା କାର୍ଯ୍ୟକ୍ରମ ଓ ପ୍ରଶିକ୍ଷଣ ଶିବିର ନନ୍ଦପୁର ବ୍ଲକର ଗଣୀନାୟକପୁଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ବିଦ୍ୟାଳୟ ଅଧ୍ୟକ୍ଷା ଦେବୀ ପ୍ରତିମା ଜେନା ଅଧ୍ୟକ୍ଷତା କରିଥିଲେ। ନୂଆଦିଲ୍ଲୀ ସ୍ଥିତ ଏନଡିଆର୍‌ଏଫ୍ ମୁଣ୍ଡୁଳି ଯବାନ ତଥା ସବ୍ ଇନ୍ସପେକ୍ଟର ଅଭିଷେକ ଶର୍ମା, ଅଭିମନ୍ୟୁ ବାବୁ, କନଷ୍ଟେବଲ ଆର୍‌ଆର୍ ଦାସ, ଜିବି ରାଓ, ଜି. ତୁଳସୀ ପ୍ରମୁଖ ଯୋଗଦେଇ କିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କ ଧନଜୀବନ ସୁରକ୍ଷା କରିବ ସେ ଉପରେ ସଚେତନ କରିବା ସହ ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରାକୃତିକ ଓ କୃତ୍ରିମ ବିପର୍ଯ୍ୟୟ ସମୟରେ କିପରି ନିଜକୁ ପ୍ରସ୍ତୁତ କରି ନିଜ ପାଖରେ ରହିଥିବା ଉପକରଣ ମାଧ୍ୟମରେ କ'ଣ କ'ଣ ସରଞ୍ଜାମ କରିହେବ ସେ ଉପରେ ଏକ ଡେମୋ ପ୍ରସ୍ତୁତ କରି କୌଶଳ ପ୍ରଦର୍ଶନ କରିଥିଲେ। ତତ୍ ସହିତ ନଦୀ ବୁଡ଼ି, ଦୁର୍ଘଟଣା, ପ୍ରାକୃତିକ ହେଉ କିମ୍ବା କୃତ୍ରିମ ଉଭୟ ବିପର୍ଯ୍ୟୟ ଉପରେ ପ୍ରଶିକ୍ଷଣ ସହ ସଚେତନତା କରାଯାଇ ଛାତ୍ରଛାତ୍ରୀମାନଙ୍କୁ ନିଜେ ସୁରକ୍ଷିତ ରହି ଅନ୍ୟ ଓ ଜାତୀୟ ସମ୍ପତ୍ତିର ସୁରକ୍ଷା ପାଇଁ ଆଗକୁ ଆସିବେ ସେନେଇ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ସୁଧାକର ବେହେରା ପରିଚାଳନା କରିଥିବାବେଳେ ଶିକ୍ଷକ ପ୍ରିୟଙ୍କା ଦଳନାୟକ, ବିଭୁ ଚନ୍ଦନ ନାୟକ, ନନ୍ଦ ଖରା, ଭାଗ୍ୟଶ୍ରୀ ପ୍ରଧାନ, ବିଦ୍ୟୁତ୍ ପ୍ରଭା ମିଶ୍ର, ସତ୍ୟବ୍ରତ ଆଚାର୍ଯ୍ୟ, ଗିରିଜା ଶଙ୍କର ହୋତା, ଦିବ୍ୟଶ୍ରୀ ମହାରଣା, ସୁଦୀପ୍ତ କନ୍ଦର୍, ସରୋଜ ସାହୁ, ରଞ୍ଜିତ ତିର୍କି, ଲକ୍ଷ୍ମୀ ପଟେଲ, ଅଜିତ କୁମାର ମଳ, ଇମାନିତ ପୁଷ୍ଟି, ଲିପିକେଶ୍ୱରୀ ପାଢ଼ି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଜେନା ଏନଡିଆର୍‌ଆର୍‌ଏଫ୍ ଯବାନମାନଙ୍କୁ ଧନ୍ୟବାଦ ଦେବା ସହ ବିଦ୍ୟାଳୟ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ।

### ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ

# ଅଚଳ ନଳକୂଅକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ପାଇଁ ପରାମର୍ଶ

**ନବରଙ୍ଗପୁର,୨୮।୨(ସମିସ)**



ବୁଧବାର ମିଶନ ଶକ୍ତି ସଭାଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆଗକୁ ଆସୁଥିବା ଗ୍ରୀଷ୍ମ ଋତୁର ଗ୍ରୀଷ୍ମ ପ୍ରବାହ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ତା'ର ମୁକାବିଲା ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆଗାମୀ ଗ୍ରୀଷ୍ମ ଋତୁରେ ପିଇବା ପାଣି ଏବଂ ଅଂଶୁଘାତର ସମସ୍ୟା ଓ ତାହାର ସଫଳ ମୁକାବିଲା କରିବା ନିମନ୍ତେ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଶେଷ କରି ଅଚଳ ପଡ଼ିଥିବା ନଳକୂଅଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ପରାମର୍ଶ ଦେଇଥିଲେ। ବିଶେଷ କରି ଜିଲ୍ଲାର ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣର ଓଆରଏସ ମହଜୁଦ ରଖିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀଙ୍କୁ ଜିଲ୍ଲାପାଳ ଡ. ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ବିଦ୍ୟାଳୟରେ ପିଲାଙ୍କ ପାଇଁ ଜଳ ଯୋଗାଣ ନିମନ୍ତେ ୫ ମିନିଟ ସମୟ ବ୍ୟବଧାନ ବାଧ୍ୟତାମୂଳକ ରଖିବା ପାଇଁ ଜିଲ୍ଲାପାଳ ଡ. ମିଶ୍ର ପରାମର୍ଶ ଦେଇଥିଲେ। ସେହିପରି ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶ୍ରମିକଙ୍କ କାର୍ଯ୍ୟସ୍ଥଳରେ ସ୍ୱତନ୍ତ୍ର ପାଣିର ବ୍ୟବସ୍ଥା କରିବା ସହିତ ଦିନ ୧୧ଟା ସମୟରୁ ଅପରାହ୍ଣ ୩.୩୦ ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଅଂଶୁଘାତର ଆଶଙ୍କା ଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏହି ସମୟ ସୀମା ମଧ୍ୟରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନ ଲଗାଇ ଛାୟାର ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଜିଲ୍ଲାପାଳ ଡ. ମିଶ୍ର ପରାମର୍ଶ ଦେଇଥିଲେ।

ସେହିପରି ରାଜ୍ୟ ସରକାରଙ୍କ ମାର୍ଗଦର୍ଶକ ଅନୁସାରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସ୍କୁଲ ଏବଂ କଲେଜରେ ଶିକ୍ଷାଦାନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦାଉରୁ ରକ୍ଷା ପାଇବା ନିମନ୍ତେ ସମସ୍ତ ପ୍ରକାର ପରିବହନ ଯାନ ଏବଂ ଯାତ୍ରୀଙ୍କ ନିମନ୍ତେ ବହୁଳ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ଏବଂ ପର୍ଯ୍ୟାପ୍ତ ପରିମାଣର ଓଆରଏସ ପକେଟ ମହଜୁଦ ରଖିବା ପାଇଁ ଜିଲ୍ଲାପାଳ ଡ. ମିଶ୍ର ପରିବହନ ବିଭାଗକୁ ପରାମର୍ଶ ଦେଇଥିଲେ। ଜିଲ୍ଲାର ଅଚଳ ଥିବା ନଳକୂଅଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ସହିତ ଆବଶ୍ୟକ ସ୍ଥଳେ ଭ୍ରାମ୍ୟମାଣ ଟ୍ୟାଙ୍କର ସାହାଯ୍ୟରେ ପିଇବା ପାଣିର ସୁବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଂଶୁଘାତର ସଫଳ ମୁକାବିଲା ପାଇଁ ପ୍ରତି ବ୍ଲକ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିୟନ୍ତ୍ରଣ କକ୍ଷ ଖୋଲି ତୁରନ୍ତ ଆବଶ୍ୟକୀୟ ସେବା ଯୋଗାଇଦେବା ପାଇଁ ଆଲୋଚନା କରାଯାଇଥିଲା। ଅଂଶୁଘାତର ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ ଜିଲ୍ଲାର ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇଦେବା ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆବଶ୍ୟକ ସ୍ଥଳେ ଜିଲ୍ଲାର ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ରର ଆୟୋଜନ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ଡ. ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ନବରଙ୍ଗପୁର ଜିଲ୍ଲା ପରିଷଦ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ବୈଠକରେ ଯୋଗଦେଇ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲା ଜରୁରିକାଳୀନ ଅଧିକାରୀ ବିନାୟକ ଖାଡ଼ଙ୍ଗା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ନବ କିଶୋର ବେହେରା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ, ଜିଲ୍ଲା ଶ୍ରମ ଅଧିକାରୀ ସମ୍ପୃକ୍ତ ଅଧୀକ୍ଷକ ଯନ୍ତ୍ରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ସହିତ ଜିଲ୍ଲାର ୧୦ଟି ବ୍ଲକର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସିଡିପିଓ ଏବଂ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ସୁଧ ଟଙ୍କା ପ୍ରଦାନ

# ବିନା ସୁଧରେ ୧୦ ଲକ୍ଷ ଟଙ୍କା ଋଣ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଜୟପୁର,୨୮।୨(ସମିସ)

ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳା ସଶକ୍ତୀକରଣ ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଭାବେ ଶୂନ ପ୍ରତିଶତ ସୁଧରେ ଦିଆଯିବ। ସମୁଦାୟ ୧୪୫ କୋଟି ଟଙ୍କା ଋଣ ପ୍ରଦାନ କରାଯିବ।



ସେହିପରି ରାଜ୍ୟର ୨୩୦ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟମାନଙ୍କୁ ୟୁନଫର୍ମ ଏବଂ ଏପ୍ରୋନ ବଣ୍ଟନ କରାଯାଇଥିଲା। ଜୟପୁର ବ୍ଲକର ୧୧୯ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଟଙ୍କା ଭାବେ ମଙ୍ଗଳବାର ଡମି ଚେକ୍ ପ୍ରଦାନ କରାଯାଇଛି। ଏଥିରେ ସର୍ବାଧିକ ସୁଧ ଟଙ୍କା ଜୟପୁର ବ୍ଲକ ଉମୁରୀ ଗ୍ରାମପଞ୍ଚାୟତର ଫୁଲବାଡ଼ ଗ୍ରାମର ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ସର୍ବାଧିକ ୨୫ ହଜାର ୩୯ ଟଙ୍କା ସୁଧ ପ୍ରଦାନ କରାଯାଇଛି। ଜୟପୁର ବ୍ଲକରେ ସମୁଦାୟ ୪ ଲକ୍ଷ ୩୮ ହଜାର ୩୪୧ ସୁଧ ଟଙ୍କା ବ୍ୟାଙ୍କ ଖାତାକୁ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ୟୁଆଲ ମାଧ୍ୟମରେ ଏହି ଘୋଷଣା ସହ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଭର୍ଚୁଆଲ ମାଧ୍ୟମରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଥିଲେ। ବ୍ଲକ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ତିଳତ୍ତୋମା ମୁଦୁଲୀ, ଜିଲ୍ଲା ପରିଷଦ ସଦସ୍ୟା ତପତି ପଟ୍ଟନାୟକ, ଆସ୍ତା ନାୟକ, ରଶ୍ମି ରଥ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ଶକ୍ତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏବିଡିଓ ମନୋଜ ନାୟକ, ସିଡିପିଓ ସୁଚିତା ପଣ୍ଡା, ମିଶନ ଶକ୍ତି ବିପିଓ ସ୍ୱାତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କୋଷାଗୁମୁଡ଼ା

କୋଷାଗୁମୁଡ଼ା ବ୍ଲକ ପରିସରରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ମଙ୍ଗଳବାର ଶୁଭାରମ୍ଭ କରିବା ସହ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ପାଇଁ ଘୋଷଣା କରିଥିଲେ। ସେଥିମଧ୍ୟରେ କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତ ମଧ୍ୟରୁ ୫ଟି ପଞ୍ଚାୟତର ୧୦ଟି ଦଳକୁ ୯୨



ହଜାର ୪୮୩ ଟଙ୍କା ସୁଧ ଫେରସ୍ତ କରାଯାଇଛି। ଏଥିସହ ପ୍ରତ୍ୟେକ ଏସ୍‌ଏଚଜି ମା'ମାନଙ୍କ ପାଇଁ ୟୁନିଫର୍ମ ବାବଦକୁ ଏକ ହଜାର ଟଙ୍କା ଏବଂ ବିଏଲ୍‌ଏଫ୍ ଲିଡର, ଜିପିଏଲ୍‌ଏଫ୍ ଲିଡେର ଓଇସି ମେମ୍ବରମାନଙ୍କ ପାଇଁ ୨୦୦୦ ଟଙ୍କା ବ୍ଲେଜର ବାବଦକୁ ଦେବାପାଇଁ ଘୋଷଣା କରାଯାଇଥିଲା। ପୁଣି ବିନା ସୁଧରେ ୫ ଲକ୍ଷ ଋଣକୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରି ସୁଧ ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଉପସ୍ଥିତ ଥାଇ ମା'ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ସମସ୍ତ ଯୋଜନା ବିଷୟରେ ଅବଗତ କରାଇଥିଲେ। ଉକ୍ତ ସଭାରେ କୋଷାଗୁମୁଡ଼ା ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝୀ, ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ବିଡିଓ ଆଶିଷ ତ୍ରିପାଠୀ, ସିଡିପିଓ ଯମୁନା ଭତ୍ରା, ହରିବନ୍ଧୁ ମାଝୀ, ତ୍ରିଲୋଚନ ଧାକୋଡ଼, ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ଏଏଫ୍‌ଓ ଗିରିଜା ଶଙ୍କର ପଟ୍ଟନାୟକ, ବିପିଏମ୍ ମିତାରାଣୀ ପାଢ଼ୀ, ବିପିସି ମଙ୍ଗଳସାଇ ହଲବା, କୀର୍ତ୍ତିରଞ୍ଜନ ସାହୁ ମଞ୍ଚାସୀନ ଥିଲେ। ଏପରିପ୍ରେକ୍ଷୀରେ ପଞ୍ଚାୟତ ସମିତିର ସମସ୍ତ ଜିଲ୍ଲା ପରିଷଦର ସଭ୍ୟସଭ୍ୟା, ସମିତି ସଭ୍ୟସଭ୍ୟା ଓ ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମିଶନ ଶକ୍ତି ବ୍ଲକ ସଂଯୋଜକ ମଙ୍ଗଳସିଙ୍ଗ ହଲବା ଓ ଏଏଫ୍‌ଓ ଗିରିଜା ଶଙ୍କର ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ସଭାରେ ବ୍ଲକର ୨୬ଟି ପଞ୍ଚାୟତର ପ୍ରାୟ ୫୯୧ ଜଣରୁ ଅଧିକ ଏସ୍‌ଏଚ୍ଜି ମହିଳା ସଦସ୍ୟ ଉପସ୍ଥିତ ଥିଲେ।

### ନନ୍ଦପୁର

ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଉପରେ ସୁଧ ଛାଡ଼ କରାଯାଇଛି। ନନ୍ଦପୁର ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଟାଙ୍ଗି ବିଧାୟକ ପୀତମ କୁମାର ପାଢ଼ି ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ବିଡିଓ ଦୁର୍ଗାପ୍ରସାଦ ଦୋରା, ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ, ସିଡିପିଓ ମିନତିବାଲା ପଟ୍ଟନାୟକ, ମୁନା ଦଳପତି, ସେକ୍ସୁରୁ ଯୁବନେତା ପ୍ରଭାତ ଗୁରୁମାଇ, ଅମିତ୍ ଅଗ୍ରୱାଲ, ଜିପିଇଓ ବେଦାନ୍ତ କୁମାର ମାଝୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ବ୍ଲକର ୪୦୭ଟି ସ୍ୱୟଂ ସହାୟକ ଦଳଙ୍କୁ ନିୟମିତ ବ୍ୟାଙ୍କ ଋଣ ନେଇ ବ୍ୟବସାୟ କରି ସଠିକ୍ ସମୟରେ ଋଣ ପରିଷଦ କରି ବ୍ୟାଙ୍କ ସହ ଉତ୍ତମ ସମ୍ପର୍କ ରଖିଥିବା ନେଇ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ରାଜ୍ୟ ସରକାର ଋଣ ଉପରେ ସୁଧ ଛାଡ଼ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୧ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ମା'ମାନେ ଯୋଗଦେଇଥିବା ବେଳେ ଅତିଥିମାନଙ୍କ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଛାଡ ରାଶିର ଚେକ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାରଟି ବ୍ୟାଙ୍କର ବ୍ୟାଙ୍କ ମ୍ୟାନେଜର, ଓଡ଼ିଶା ଜୀବିକା ମିଶନ ବିପିଏମ୍ ବିଚିତ୍ର କୁମାର ରାଉତ ଓ ମିଶନ ଶକ୍ତି ବିପିସି ଶ୍ରୀଧର ଜାନି ପରିଚାଳନା କରିଥିବାବେଳେ ସମସ୍ତ ଏମ୍ବିକେ ଓ ସିଆରପିମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଢ଼େମସା ଓ କୁନି କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସେମିଳିଗୁଡ଼ା

ସେମିଳିଗୁଡା ବ୍ଲକ ଓ ସୁନାବେଡ଼ା ପୌରପାଳିକା ଅଞ୍ଚଳରେ ଥିବା ମହିଳା ସ୍ୱୟଂ ସହାୟକ ସଂଘକୁ ପ୍ରଦାନ କରାଯାଇଥିବା ଋଣର ସୁଧ ଟଙ୍କା ଫେରସ୍ତ କରାଯାଇ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଛି। ଶୂନ ପ୍ରତିଶତ ସୁଧରେ ୧୦ ଲକ୍ଷ



ଟଙ୍କା ମିଶନ ଶକ୍ତି ଋଣ ଦିଆଯିବା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଆରମ୍ଭ କରିଥିବା ବେଳେ ସେମିଳିଗୁଡ଼ା ସମିତି କାର୍ଯ୍ୟାଳୟରେ ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ସିଧାପ୍ରସାରଣର ଆୟୋଜନ କରାଯାଇଥିଲା। ସେମିଳିଗୁଡ଼ା ବ୍ଲକ ଓ ସୁନାବେଡ଼ା ପୌର ପରିଷଦ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର, ସେମିଳିଗୁଡ଼ା ବ୍ଲକ ଅଧ୍ୟକ୍ଷା ଲିଲିଅଣ୍ଟା ବିରିଆ, ଉପାଧ୍ୟକ୍ଷା ଶିବା ବାଙ୍ଗାରି, ସୁନାବେଡ଼ା ଉପ ନଗରପାଳ ରିତୁ କଣ୍ଟା, ସେମିଳିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ନାରାୟଣ ସାବତ, ସୁନାବେଡ଼ା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ନାୟକ, ମିଶନ୍ ଶକ୍ତି ସଭାନେତ୍ରୀ, ସମ୍ପାଦିକା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ। ବ୍ଲକ ଓ ପୌର ପରିଷଦ ଦ୍ୱାରା କିଛି ମହିଳାଙ୍କୁ ଋଣ ପ୍ରଦାନ କରିବା ସହ ୟୁନିଫର୍ମ ଓ ବ୍ଲେଜର ପାଇଁ ଟଙ୍କା ପ୍ରଦାନ କରାଯାଇଛି।

### ବୋରିଗୁମ୍ମା

ମିଶନ ଶକ୍ତି ମା'ମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ ଘୋଷଣା କରିଥିଲାବେଳେ ସମ୍ପୂର୍ଣ୍ଣ ଋଣ ପରିଶୋଧ କରିଥିବା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ବୋରିଗୁମ୍ମା ବ୍ଲକ କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ, ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଳା ଘାସି ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନାକୁ ପ୍ରଶଂସା କରିଥିଲେ। ଅବସରରେ ଅତିଥିମାନେ ବ୍ଲକର ୭୯୨ଟି ଏସ୍‌ଏଚ୍ଜିକୁ ୨୨ ଲକ୍ଷ ଟଙ୍କା ସୁଧ ରାଶି ଫେରସ୍ତ କରିଥିଲେ। ଅତିଥିମାନେ ୧୦ ଜଣ ସିଆର୍ପିଙ୍କୁ ଲାପଟପ୍ ପ୍ରଦାନ କରିବା ସହ ଏସ୍‌ଏଚ୍ଜି ମା' ମାନଙ୍କୁ ୟୁନିଫର୍ମ ଶାଢ଼ୀ ପାଇଁ ପ୍ରତ୍ୟେକଙ୍କୁ ୧ ହଜାର ଟଙ୍କା ଓ ଜିଏଲ୍‌ଏଫ୍ ଲିଡରମାନଙ୍କୁ ବ୍ଲେଜର ପାଇଁ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ମାଧୁରୀ ଆଚାରୀ, ସିଡିପିଓ ଗାୟତ୍ରୀ ବାହିନୀପତି ଉପସ୍ଥିତ ଥିବାବେଳେ ମିଶନ ଶକ୍ତି ବିପିସି ବିଜୟ କୁମାର ମହାନ୍ତି, ଓଡ଼ିଶା ଜୀବିକା ମିଶନର ଦେବେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୋରାପୁଟ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ମା'ମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ ଘୋଷଣା କରିଥିବାବେଳେ ସୁଧ ସହିତ ଋଣ ପରିଶୋଧ କରିଥିବା କୋରାପୁଟ ବ୍ଲକ ଏବଂ ପୌର ପରିଷଦର ୪୫୯ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ସୁଧ ବାବଦରେ ୭୬ ଲକ୍ଷ ୭୦ ହଜାର ୩୩୦ ଟଙ୍କା ଫେରିପାଇଛନ୍ତି। ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ଲୋକସେବା ଭବନରେ ଏହାର ଶୁଭାରମ୍ଭ କରିଥିବାବେଳେ ରାଜ୍ୟର ସମସ୍ତ ବ୍ଲକରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଇଛି। କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଯୋଜନାକୁ ପ୍ରଶଂସା କରିବା ସହ ମହିଳା ସଶକ୍ତୀକରଣରେ ଏହା ନବୀନ ପଟ୍ଟନାୟକଙ୍କ ଐତିହାସିକ ପଦକ୍ଷେପ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ରାଜ୍ୟ ସମ୍ପାଦିକା ତୁଳସୀ କୁର୍ଷାନି, ବିଧାୟକ ପ୍ରତିନିଧି ମଣ୍ଟୁ ବେନିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମିଶନ ଶକ୍ତି ବିପିସି ବିନୋଦ ବିଶୋଇ, ଓଡ଼ିଶା ଜୀବିକା ମିଶନ ବିପିଏମ୍ ସ୍ନେହଲତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବନ୍ଧୁଗାଁ

କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ମିନି ଷ୍ଟାଡିୟମ ପଡ଼ିଆରେ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମା' ମାନଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିସି ମାଧ୍ୟମରେ ମିଶନ ଶକ୍ତିଙ୍କୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ଋଣ ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ଫେରସ୍ତ କରିଛନ୍ତି। ବନ୍ଧୁଗାଁ ବ୍ଲକର ୧୧୨ଟି ଏସ୍‌ଏଚଜିଙ୍କୁ ୩ ଲକ୍ଷ ୬୭ ହଜାର ୫୬ ଟଙ୍କା ସୁଧ ଫେରସ୍ତ କରିଛନ୍ତି। ନୂଆ ଓଡ଼ିଶା ଗଠନରେ ମା'ମାନଙ୍କ ଯଥେଷ୍ଟ ଅବଦାନ ରହିଛି। ମିଶନ ଶକ୍ତି ଜରିଆରେ ମହିଳାମାନେ ଉପକୃତ ହେବା ସହ ଅନେକ ପ୍ରକାର ଭଲ କାମ କରୁଛନ୍ତି। ମହିଳାମାନଙ୍କୁ ସମ୍ମାନ ଓ ଉନ୍ନତି ପାଇଁ ସରକାର ସବୁବେଳେ ଅଗ୍ରାଧିକାର ଦେଇ ଆସିଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ପ୍ରତି ପଞ୍ଚାୟତସ୍ତରରେ ମିଶନ ଶକ୍ତି ବଜାର ଖୋଲାଯିବ। ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ୭୩୦ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯିବ ଯାହା ଫଳରେ ମା'ମାନେ ୟୁନିଫର୍ମ ଓ ବ୍ଲେଜର କିଣି ପିନ୍ଧିବେ। ମିନି ଷ୍ଟାଡିୟମ ପଡ଼ିଆରେ ମିଶନ ଶକ୍ତି ପ୍ରୋଜେକ୍ଟ କୋ-ଅର୍ଡିନେଟର ବି କେ ପ୍ରଦୀପ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା ସମ୍ମାନୀତ ଅତିଥି ଭାବେ, ବିଡିଓ ଅଭିଷେକ ବିଶ୍ୱଜିତ ସେଠୀ, ବ୍ଲକ ବିଜେଡି ସଭାପତି ବାଲା ନାଗ, ଏସ୍‌ବିଆଇ ବ୍ୟାଙ୍କ ମେନେଜେର, ସିଡିପିଓ ଗୀତାଞ୍ଜଳି ମହାରଣା, ଏସ୍‌ଡିସି ସଦସ୍ୟ ଲଡୁ ହୁଲୁକା ଓ ଆଲମଣ୍ଡା ପଞ୍ଚାୟତ ସରପଞ୍ଚ ଗୌରୀ ମେଲେକା, ବିଏଲ୍‌ସି ଚୈତନ୍ୟ ଶଗରିଆ ଓ ସମସ୍ତ ପଞ୍ଚାୟତର ଏମବିକେ, ସିଆରପି ଓ ସମସ୍ତ ଏସ୍‌ଏଚଜିର ସଭାପତି ଓ ସମ୍ପାଦକ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ମିଶନ ଶକ୍ତି ଫେଡେରେସନର ସଭାପତି ଓ ସମ୍ପାଦିକା ମୁଖ୍ୟମନ୍ତ୍ରୀଙ୍କୁ ଆମ ବନ୍ଧୁଗାଁ ବ୍ଲକର ୧୧୨ ଗୋଟି ଏସ୍‌ଏଚଜିଙ୍କୁ ସୁଧ ଫେରସ୍ତ, ପୋଷାକ କ୍ରୟ ବାବଦକୁ ଟଙ୍କା ଓ ବିନା ସୁଧରେ ୧୦ ଲକ୍ଷ ଟଙ୍କା ଋଣ ସହାୟତା ଘୋଷଣା କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରାମନାଗୁଡ଼ା

ବ୍ଲକସ୍ତରୀୟ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ସୁଧ ଫେରସ୍ତ କାର୍ଯ୍ୟକ୍ରମ ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ବ୍ଲକ୍ ଉପାଧ୍ୟକ୍ଷ ଜାନକୀ ମାଣ୍ଡାଙ୍ଗି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ,



ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଶାନ୍ତିଲତା ରଥ, ସମସ୍ତ ବିଭାଗର ଅଧିକାରୀ, ବ୍ୟାଙ୍କ ଅଧିକାରୀ, ସମସ୍ତ ସରପଞ୍ଚ ଓ ସମିତିସଭ୍ୟ/ସଭ୍ୟା, ବ୍ଲକସ୍ତରୀୟ ମିଶନ ଶକ୍ତି ମହାସଂଘର ସଭାପତି ଆରତୀ ମୁଟିକା, ସମ୍ପାଦିକା ସଂଗୀତା ପ୍ରଧାନ, ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘର ସମସ୍ତ ସଭ୍ୟା, ଏମବିକେ, ସିଆରପି, ବ୍ୟାଙ୍କ ମିତ୍ରମାନେ ଏବଂ ମିଶନ ଶକ୍ତି ବିଭାଗର କର୍ମଚାରୀ ବିପିଏମ ଯସ୍ମୀନ ମୁଟିକା, ବିପିସି ଲାଜାର ଭୂୟାଁ, ବିପିଏ କିରଣ କୁମାର ଓ ବହୁ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦେଇଥିଲେ। ସୂଚନା ଅନୁଯାୟୀ, ରାମନାଗୁଡ଼ା ବ୍ଲକର ୨୫୯ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ମୋଟ ୫ ଲକ୍ଷ ୮୮ ହଜାର ୬୫୨ ଟଙ୍କା ସୁଧ ଫେରସ୍ତ ହୋଇଛି। ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କରୁ ଋଣ ଆଣି ନିୟମିତ ଭାବେ ଋଣ ପରିଶୋଧ କରୁଥିଲେ ଏବଂ ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀର ୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ସୁଧ ଫେରସ୍ତ ହୋଇଛି ସେହି ଗୋଷ୍ଠୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଡ୍ରମୀ ଚେକ୍ ବଣ୍ଟନ କରାଯାଉଥିଲା।

### ଗୁଡ଼ାରୀ

ମିଶନ ଶକ୍ତି ମା'ମାନଙ୍କ ପାଇଁ ରାଜ୍ୟ ସରକାର ତିନିଟି ଯୋଜନା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏହି ମିଶନ ଶକ୍ତି କାର୍ଯ୍ୟକ୍ରମ। ଗତ ମଙ୍ଗଳବାର ଗୁଡାରୀ ବସଷ୍ଟାଣ୍ଡ ନିକଟରେ ଅନୁଷ୍ଠିତ ହୋଇଥିବାବେଳେ ବ୍ଲକ୍ ଏବଂ ନଗରର ସମସ୍ତ



ମିଶନ ଶକ୍ତି ମହିଳାମାନେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ସମ୍ମାନ ଜଣାଇବା ସହିତ ମିଶନ ଶକ୍ତିକୁ ଆହୁରି ସଶକ୍ତ କରିବା ପାଇଁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ଋଣଦାନ, ୭୩୦ କୋଟି ଟଙ୍କାର ୟୁନିଫର୍ମ ଏବଂ ବ୍ଲେଜର ବଣ୍ଟନ, ୧୪୭ କୋଟି ଋଣ ଫେରସ୍ତ ଏହି ତିନିଟିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଥିଲେ। ପରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ଏଲଓ ସଂଯୁକ୍ତା ବିରଦଲେଇ, ଗୁଡାରୀ ସିଡିପିଓ ପୁଷ୍ପାଞ୍ଜଳି ପଟ୍ଟନାୟକ, ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ଗୁଡାରୀ ବ୍ଲକ୍ ଭାଇସ ଚେୟାରମ୍ୟାନ ବିଶ୍ୱନାଥ ଶବର, ଗୁଡାରୀ ଏନଏସି ଅଧ୍ୟକ୍ଷା ସରମିତା ଶବର ଉପସ୍ଥିତ ଥିଲେ। ଏହା ମୁଖ୍ୟମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ। ମିଶନ ଶକ୍ତିର ମହିଳାମାନେ ୫ ଲକ୍ଷ ସମ୍ପୂର୍ଣ୍ଣ ଋଣ ସହ ସୁଧ ବ୍ୟାଙ୍କରେ ପରିଶୋଧ କରିଥିଲେ, ସେମାନଙ୍କର ସୁଧ ଚେକ୍ ମାଧ୍ୟମରେ ଫେରସ୍ତ ଦିଆଯାଇଥିଲା। ତିନିଟି ବ୍ୟାଙ୍କ ମିତ୍ର ମିଶନ ଶକ୍ତି ମହିଳାମାନଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେମାନେ ମଞ୍ଚରେ ଲାପଟପ କିଣି ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ଉପସଭାପତି କେଦାର ସାହୁ, ଜିଲ୍ଲା ସମ୍ପାଦକ ଏମ ପ୍ରସାଦ ବାବୁ, ସାଧାରଣ ସମ୍ପାଦକ ସୁବାସ ଗୌଡ଼, ବରିଷ୍ଠ ବିଜେଡି କର୍ମୀ ଶୁଶିଳ ଗୁରୁ, ଈଶ୍ୱର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମଞ୍ଚରେ ଉପସ୍ଥାପନ କରିଥିଲେ ବିଶ୍ୱନାଥ ସାମଲ, ବିପିଏମ ମାନସ ବାରିକ ଓ ବିପିସି କ୍ରାନ୍ତି କୁମାର ସମ୍ପାଦନ କରିବା ସହ ସହଯୋଗ କରିଥିବା କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

### ଚନ୍ଦ୍ରପୁର



ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ପରିସରରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ଫେରସ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ମା'ମାନଙ୍କ ପାଇଁ ବିନା ସୁଧରେ ୧୦ ଲକ୍ଷ ଟଙ୍କାର ଋଣ ଦେବା ବଡ଼ ଘୋଷଣା ସହ ମଙ୍ଗବାର ଶୁଭାରମ୍ଭ କରିଛନ୍ତି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୋଇନ କିମ୍ବାକା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ଚନ୍ଦ୍ରପୁର, ଡାଙ୍ଗସରଡ଼ା, ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ହନୁମନ୍ତପୁର ଜୀବିକା ମିଶନ ଶକ୍ତି ବିପିଏମ ଶ୍ରବଣ କୁମାର ସିଂ ଓ ମିଶନ ଶକ୍ତି ବ୍ଲକ ପ୍ରୋଜେକ୍ଟ କୋର୍ଡିନେଟର ଗଜେନ୍ଦ୍ର ନିଶିକା ଯୋଗଦେଇଥିଲେ। ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ମିଶନ ଶକ୍ତି ଅଧ୍ୟକ୍ଷ ଓ ବିଭାଗୀୟ ସଚିବ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଅତିଥିମାନେ ମିଶନ ଶକ୍ତି ମା'ମାନଙ୍କୁ ଚେକ୍ ଆକାରରେ ଛାଡ଼ ସୁଦ୍ଧ ଟଙ୍କା ଫେରସ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୮ ପଞ୍ଚାୟତର ସମସ୍ତ ଏସଏଚଜିର ମା'ମାନେ ଉପସ୍ଥିତ ଥିଲେ। ଏମବିକେ, ସିଆରପି, କୃଷିମିତ୍ର, ବିଟିସି, ଏଲଏସପି ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶନ ଶକ୍ତି କାର୍ଯ୍ୟକ୍ରମରେ ପ୍ରାୟ ୬୦୦ ଜଣ ମହିଳା ଉପସ୍ଥିତ ଥିଲେ।

---

## ସେଞ୍ଚୁରିଅନ ପରିସରରେ ଓସିଏ ପକ୍ଷରୁ ଅଭ୍ୟାସ ପିଚ୍ ଉଦ୍‌ଘାଟିତ

**ରାୟଗଡ଼ା,୨୮।୨(ସମିସ):** କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ସରକାର କ୍ରୀଡ଼ାବିତମାନଙ୍କ ଦକ୍ଷତା ବୃଦ୍ଧି ଦିଗରେ କ୍ରିକେଟ୍ ଖେଳାଳିଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ ଷ୍ଟାଡିୟମ ଉଦଘାଟନ ଓ ରୂପାନ୍ତରିତ ପର୍ବ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲ୍ଲା କ୍ରିକେଟ୍ ଖେଳାଳିଙ୍କ ଅଭ୍ୟାସ ସକାଶେ ପିତାମହଲ



ସ୍ଥାନୀୟ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପରିସରରେ ଦୁଇଟି କ୍ରିକେଟ ପିଚ୍ ଭର୍ଚୁଆଲ ମାଧ୍ୟମରେ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଉଦଘାଟନୀ ସମାରୋହରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ରାୟଗଡ଼ା ଜିଲ୍ଲାର ସଭାପତି ତଥା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତ, ସମ୍ପାଦକ ସଚ୍ଚିଦାନନ୍ଦ ଖାଡ଼େଙ୍ଗା, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାରେ ଥିବା ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପଞ୍ଜିକୃତ ଖେଳାଳି ଉପସ୍ଥିତ ରହି ଖୁସିବ୍ୟକ୍ତ କରିବା ସହ ବାଣ ଫୁଟାଇ ଆନନ୍ଦିତ ହୋଇଥିବା ଦେଖିବାକୁ ମିଳିଛି।

## ବିଶ୍ୱ ବାଣିଜ୍ୟ ସଂଗଠନ ଛାଡ଼ ଦିବସରେ ଟ୍ରାକ୍ଟର ସମାବେଶ

**ରାମନାଗୁଡ଼ା,୨୮।୨(ସମିସ):** ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଦେଶବ୍ୟାପୀ ଟ୍ରାକ୍ଟର ସମାବେଶ ଅବସରରେ ରାମନାଗୁଡ଼ା ବ୍ଲକ ସ୍ଥିତ ଗୁଲୁଣ୍ଡି ପଞ୍ଚାୟତ ଅଧୀନସ୍ଥ ତାମିଲିଗୁଡ଼ାଠାରେ ପ୍ରତିବାଦ କରାଯାଇଛି। ଡବ୍ଲୁଟିଓ ସହିତ ଚୁକ୍ତିନାମା ଭାରତର ସାର୍ବଭୌମତ୍ୱକୁ ବିପନ୍ନ ବନ୍ଦ କରିବା, ଭାରତ ସରକାର କୃଷକମାନଙ୍କୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସପି) ଲାଗୁ କରିବା, ଖାଦ୍ୟଶସ୍ୟ ବଣ୍ଟନ ବଦଳରେ ସିଧାସଳଖ ନଗଦ ହସ୍ତାନ୍ତର କରିବାକୁ ଯୁକ୍ତି କରି ସୁଲଭ ମୂଲ୍ୟରେ ଖାଦ୍ୟଶସ୍ୟ ବଣ୍ଟନ(ପିଡିଏସ୍) ପ୍ରତ୍ୟାହାର କରିବା ଯୋଜନା ବନ୍ଦ କରିବା, ଦେଶର କୃଷକ, ଗରିବ ଲୋକଙ୍କ ଖାଦ୍ୟ ନିରାପତ୍ତା ପାଇଁ ଏବଂ ଭାରତର ସାର୍ବଭୌମତ୍ୱ ପାଇଁ କ୍ଷତିକାରକ ହେବ ବୋଲି ଟ୍ରାକ୍ଟର ରାଲି କରାଯାଇଛି। ଏହି କାର୍ଯ୍ୟକ୍ରମରେ ରମେଶ ପାତିକା, ଦାସୁରୁ ବିଡିକା, ମୋଜେସ ବିଡିକା, ଗୋବିନ୍ଦ ପାତିକା, ଲବ ବିଡିକା, ସଂଗ୍ରାମ ବିଡିକା ପ୍ରମୁଖଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

---

## 'ମନରେଗା' କାର୍ଯ୍ୟରେ ଠିକାଦାରଙ୍କ ମନମାନି

# ଶ୍ରମିକ ବଦଳରେ ମେସିନ୍ ଯୋଗେ କାମ ହେଉଥିବା ଅଭିଯୋଗ





ମାଲକାନଗିରି,୨୮।୨(ସମିସ)

ଲୋକଙ୍କୁ ଦାଦନ ଶ୍ରମିକ ଭଳି ଦୁର୍ଦ୍ଦଶାପୂର୍ଣ୍ଣ ଜୀବନରୁ ବିରତ ରଖିବାକୁ ବର୍ଷରେ ନିଜ ଅଞ୍ଚଳରେ ଅନ୍ୟୁନ ଶହେ ଦିନର କାମ ଯୋଗାଇଦେବାକୁ ସରକାରଙ୍କ ପକ୍ଷରୁ ମନରେଗା ଭଳି ଯୋଜନା ପ୍ରଣୟନ କରାଯାଇଛି। ତେବେ ପ୍ରାଶାସନିକ ଅବହେଳା ଓ ବିଭାଗୀୟ ଅଧିକାରୀଙ୍କ ମନମାନି ନୀତି ଯୋଗୁଁ ତୃଣମୂଳସ୍ତରରେ ଏହି ଯୋଜନା ସରକାରୀ ବାବୁ ଓ ଠିକାଦାରଙ୍କ ସଲାସୁତରାରେ ଚାଲିଥିବାବେଳେ ଉଭୟ ବ୍ୟାପକ ପରିମାଣରେ ଅର୍ଥ ବାଟମାରଣା କରିବା ଭଳି ଚିତ୍ର ସାମ୍ନାକୁ ଆସିଛି। ଏଭଳି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଭୁବନପଲ୍ଲୀ ପଞ୍ଚାୟତ ଏମଭି ୧୧୫ ଗ୍ରାମରୁ।

ସୂଚନା ମୁତାବକ, ଏହି ଗ୍ରାମ ନିକଟସ୍ଥ ପାହାଡ଼ରେ ପାଣି ସଂରକ୍ଷଣ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୬ ଲକ୍ଷ ୩୦ ହଜାର ୨୯୨ ଟଙ୍କା ବ୍ୟୟବରାଦରେ ଏକ କାଉଣ୍ଟର ଟ୍ରେଞ୍ଚ କାମ ଆରମ୍ଭ ହୋଇଥିଲା। ସ୍ଥାନୀୟ ଲୋକଙ୍କୁ ରୋଜଗାର ଯୋଗାଇବା ପାଇଁ ଶ୍ରମିକ ଏନକେ ଦ୍ୱାରା କରାଯିବାକୁ ଥିବା ଏହି କାମକୁ ବିଭାଗୀୟ କର୍ମଚାରୀମାନେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହଯୋଗରେ ମେସିନ୍ ଯୋଗେ କାମ କରାଇଥିଲେ। ସୂଚନା ପାଇ ସ୍ଥାନୀୟ ଅଞ୍ଚଳର କିଛି ଲୋକ ଏହାକୁ ବିରୋଧ କରିବା ସହ ଗଣମାଧ୍ୟମକୁ ଖବର ଦେଇଥିଲେ। କିଛି ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚିବାବେଳେ ଉକ୍ତ ବ୍ୟକ୍ତି ଜଣକ ମେସିନକୁ ସେଠାରୁ ହଟାଇ ଦେଇଥିଲେ। ତେବେ ମେସିନ୍ ଯୋଗେ 'ମନରେଗା' କାମ ଚାଲିଥିବା ନେଇ ପଞ୍ଚାୟତର ରୋଜଗାର ସେବକଙ୍କୁ ଯୋଗାଯୋଗ କରିବାରୁ, ସେ ଘଟଣାସ୍ଥଳକୁ ଯାଇ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ମେସିନ ଯୋଗେ ପଥୁରିଆ ମାଟି କଢ଼ାଯାଇଥିବ ବୋଲି ଅନୁମାନ ଛଳରେ କହିଛନ୍ତି। ଅନ୍ୟପଟେ ଗ୍ରାମକୁ ଲାଗି ରହିଥିବା ଏହି ପାହାଡ଼ରେ ଲୋକେ କାମ କରିବାକୁ ସୁଯୋଗ ପାଉ ନ ଥିବାବେଳେ ମେସିନ୍ ଯୋଗେ କାମ କରାଯିବା ଘଟଣା 'ମନରେଗା' ଯୋଜନାରେ ରହିଥିବା ସରକାରୀ ଅଧିକାରୀ ଓ ତୃତୀୟ ବ୍ୟକ୍ତିଙ୍କ ଉପସ୍ଥିତିକୁ ଦର୍ଶାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏକ ଟିମ୍ ଗଠନ କରି ଏଭଳି କାର୍ଯ୍ୟର ତଦାରଖ କଲେ ସ୍ଥାନୀୟ ଅଞ୍ଚଳର ଲୋକେ ରୋଜଗାରକ୍ଷମ ହେବା ସହ ବେଆଇନ ଭାବେ 'ମନରେଗା' କାର୍ଯ୍ୟକୁ ମେସିନ ଦ୍ୱାରା କରିବା ବନ୍ଦ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଜିଲ୍ଲାରେ କେବଳ ଯେ ଏହି ଗୋଟିଏ ସ୍ଥାନ ନୁହେଁ ବରଂ ଏହିପରି ଭାବେ ଅନେକ ସ୍ଥାନରେ 'ମନରେଗା' କାର୍ଯ୍ୟକୁ ମେସିନ ଯୋଗେ କରାଯାଉଥିବା ମଧ୍ୟ ଅନେକ ଅଭିଯୋଗ ଆସୁଥିବାବେଳେ ସ୍ଥାନୀୟ ଅଧିକାରୀମାନେ ଏଥିପ୍ରତି ଉଦାସୀନ ରହୁଥିବାରୁ ଲୋକଙ୍କ ମଧ୍ୟରେ ଏହା ଅସନ୍ତୋଷ ବୃଦ୍ଧି କରୁଥିବା ମଧ୍ୟ ଲୋକେ ଅଭିଯୋଗ କରିଛନ୍ତି।

---

## 'ଅଭ୍ୟାସ' ଟେକ୍ନୋ ସ୍କୁଲରେ ଜାତୀୟ ବିଜ୍ଞାନ ଦିବସ



**ପଦ୍ମପୁର,୨୮।୨(ସମିସ):** 'ଅଭ୍ୟାସ' ଟେକ୍ନୋ ସ୍କୁଲ, ପଦ୍ମପୁରରେ ବୁଧବାର ଜାତୀୟ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଛି। ଏହି ଦିବସରେ ଅଭ୍ୟାସର ଶିଶୁ ବହୁତ୍ ସୁନ୍ଦର ଭାବେ ବିଜ୍ଞାନ ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆରଜି କଲେଜ ପଦ୍ମପୁରର ବିଜ୍ଞାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ସମସ୍ତ ଶିଶୁଙ୍କ ପ୍ରକଳ୍ପ ନିରୀକ୍ଷଣ କରି ବହୁତ୍ ଖୁସି ଅନୁଭବ କରିଥିଲେ। ସେ ଦୃଢ଼ତାର ସହ କହିଥିଲେ 'ଅଭ୍ୟାସ'ର ପିଲାମାନେ ଭବିଷ୍ୟତରେ ନିଶ୍ଚିତ ଆମ ଅଞ୍ଚଳ ପାଇଁ ଗୌରବ ଆଣିବେ। ଏହି ଅବସରରେ ସ୍କୁଲରେ ଶିକ୍ଷା ଦିଆଯାଉଥିବା ବ୍ରେନ କ୍ଲାସର ସତ୍ୟତା ଜାଣିବା ପାଇଁ ନିଜେ ପିଲାଙ୍କ ଆଖିରେ ପଟି ବାନ୍ଧି ଭିନ୍ନ ଭିନ୍ନ ବଲ ରଙ୍ଗ ଚିହ୍ନିବା, ପେପର ରଙ୍ଗ ଚିହ୍ନିବା, ଏପରିକି ବହିର ପୃଷ୍ଠା ଚିହ୍ନିବା ସହ ବହିର ଛୋଟ ଛୋଟ ଧାଡ଼ି ମଧ୍ୟ ଅଧ୍ୟୟନ କରାଇଥିଲେ। 'ଅଭ୍ୟାସ'ର ପ୍ରିନ୍ସପାଲ୍ ବହୁତ୍ ସୁନ୍ଦର ଭାବେ ବାଖ୍ୟା କରି କହିଥିଲେ ଯେ ଏହା କେବଳ ବିଜ୍ଞାନ। ଯୋଗ ଏବଂ ପ୍ରାଣାୟାମ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ତନ୍ତ୍ର, ମନ୍ତ୍ର ଏସବୁକୁ ବିଶ୍ୱାସ ନ କରି ନିରୀହ ଲୋକଙ୍କୁ ଏଥିରୁ କିପରି ମୁକ୍ତି ମିଳିବ ସେହି ଉପରେ ଡ୍ରାମା ମାଧ୍ୟମରେ ପିଲାମାନେ ଦେଖାଇଥିଲେ। ଏହା ଉପରେ ଗାୟତ୍ରୀ ପଣ୍ଡା ଗୋଟିଏ କବିତା ଲେଖିଥିଲେ। ତାହା ପିଲାମାନେ ଶୁଣାଇଥିଲେ। ଶେଷରେ ସେକ୍ରେଟାରୀ ଲାଡୀ ତୁକରାମ ଏବଂ ରମେଶ ପଣ୍ଡା ସାରଙ୍କ ହାତରେ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା।

# ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ



**କୋଷାଗୁମୁଡ଼ା,୨୮।୨(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକସଦର ଚିର୍ମା ପଞ୍ଚାୟତରେ ଥିବା ଗୋବର୍ଦ୍ଧନ ଯାତ୍ରା ପଡ଼ିଆରେ ମଙ୍ଗଳବାର ପ୍ରଶାସନ ତରଫରୁ ଜବରଦଖଲକାରୀଙ୍କ ଘର ଓ ଦୋକାନ ଗୃହ ଉଚ୍ଛେଦ କରାଯାଇଛି। ମଙ୍ଗଳବାର କୋଡ଼ିଙ୍ଗା ତହସିଲଦାର ସୁବ୍ରତ କୁମାର ବେହେରା, ଅତିରିକ୍ତ ତହସିଲଦାର ସଞ୍ଜୀବ କୁମାର କୁଲୁ, ପାପଡ଼ାହାଣ୍ଡି ଏସ୍ଡିପିଓ ମିନାକ୍ଷୀ ଠାକୁର, କୋଡ଼ିଙ୍ଗା ଥାନା ଅଧିକାରୀ ଯୁଗଳ ଶବର, ରାଜସ୍ୱ ଅଧିକାରୀଙ୍କ ଉପସ୍ଥିତିରେ ଦୀର୍ଘ ଦିନରୁ ଜବରଦଖଲରେ ଗୃହ ଓ ଦୋକାନ ଗୃହ ଗୁଡିକୁ ଜେସିବି ମେସିନ ଲଗାଇ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ପାପଡ଼ାହାଣ୍ଡି ଏସଡିପିଓଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ପୁଲିସ ପ୍ଲାଟୁନ ସମେତ କୋଡ଼ିଙ୍ଗା ପୁଲିସ ଟିମ୍ ଉପସ୍ଥିତ ରହିଥିଲେ।

ସୂଚନା ଥାଉକି, ଚିର୍ମା ଗ୍ରାମର ଗୋବର୍ଦ୍ଧନ ପୂଜା ପାଇଁ ଥିବା ପଡ଼ିଆ ଖାତା ନମ୍ବର ୫୪୫ ପ୍ଲଟ ନମ୍ବର ୨୦୦କୁ ଗ୍ରାମର ନରହରି ବିଶୋଇ, ଖାତା ନମ୍ବର ୫୪୬ ପ୍ଲଟ ନମ୍ବର ୯୧୪ କୁ ଗୁଣନିଧି ବିଶୋଇ ଓ ରିଷବ ବିଶୋଇ ଦୀର୍ଘ ଦିନରୁ ଜବରଦଖଲ କରି ରଖିଥିଲେ। ଜବରଦଖଲରେ ଥିବା ସ୍ଥାନରୁ ଉଚ୍ଛେଦ ପାଇଁ ଚିର୍ମା ଗ୍ରାମବାସୀ ନବରଙ୍ଗପୁର ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାତ୍ର ରହଣି କରି ଉଚ୍ଛେଦ ପ୍ରକ୍ରିୟାକୁ । ତ୍ୱରାନ୍ୱିତ କରିବାକୁ ଦାବି କରିଥିଲେ। ଏହାପରେ ଉଚ୍ଛେଦ ପ୍ରକ୍ରିୟା ନେଇ ଗୋଟିଏ ମାସର ସମୟ ପ୍ରଶାସନ ନିକଟରୁ ନେଇଥିଲେ। ଜବରଦଖଲ ଉଚ୍ଛେଦ ସମ୍ପର୍କରେ ପର୍ଯ୍ୟାପ୍ତ ସମୟ ଦେଇ ଜବରଦଖଲକାରୀମାନଙ୍କୁ ଅବଗତ କରାଯାଇଥିଲା। ଉଚ୍ଛେଦ ସମୟରେ ଗୋଟିଏ ଘରକୁ ଉଚ୍ଛେଦ କରାଯାଇ ଅନ୍ୟ ୨ଟି ଘରକୁ ଆଉ କିଛି ଦିନର ମହଲତ ଦେବାକୁ ନେଇ ଗ୍ରାମବାସୀ ଦାବି କରିଥିଲେ। ଯାହାଫଳରେ କିଛି ସମୟ ପାଇଁ ଅସନ୍ତୋଷ ଦେଖାଦେଇଥିଲା। ପ୍ରଶାସନ ଏହାକୁ ନଜରକୁ ନେଇ ଲୋକଙ୍କୁ ବୁଝାସୁଝା କରିବା ସହ ଉଚ୍ଛେଦ ପ୍ରକ୍ରିୟା ଶେଷ କରିଥିଲେ। ସମୟ ମଧ୍ୟରେ ଦଖଲକାରୀଙ୍କ ପାଇଁ ପ୍ରଶାସନ ପାଖରୁ ଉତ୍ତମ ବ୍ୟବସ୍ଥା କରାଯିବା ସହ ଦଖଲକାରୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଉଚ୍ଛେଦ ସ୍ଥଳରେ ଏକ ଡାକ୍ତରୀ ଟିମ୍ ଓ ଆମ୍ବୁଲାନ୍ସ ସଜାଗ ରହିଥିଲା।

### ରାୟଗଡ଼ା ଜିଲ୍ଲା ପୁଲିସ ଅଧିକାରୀଙ୍କ ଦିନିକିଆ ତାଲିମ

# ଜିଲ୍ଲାରେ ସ୍ୱଚ୍ଛ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ଲକ୍ଷ୍ୟ

ରାୟଗଡ଼ା,୨୮।୨(ସମିସ)



ରାୟଗଡ଼ା ଜିଲ୍ଲା ପରିଷଦ ସଦଭାବନା ସମ୍ମିଳନୀ କକ୍ଷରେ ଚଳିତ ବର୍ଷ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ଭାବରେ ଆୟୋଜନ କରିବା ନିମନ୍ତେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ପୁଲିସ ଅଧିକାରୀମାନଙ୍କୁ ନେଇ ମଙ୍ଗଳବାର ଏକ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଆୟୋଜନରେ ପୁଲିସ ବିଭାଗର ପ୍ରମୁଖ ଭୂମିକା ରହିଥିବାରୁ ପ୍ରାକ ତାଲିମର ଆବଶ୍ୟକତା ମନେ କରି ନିର୍ବାଚନ ମାଷ୍ଟର ଟ୍ରେନର ମାନଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନ ଓ ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ କିଛିଦିନ ମଧ୍ୟରେ ଆଚରଣ ସହିଂତା ନିର୍ବାଚନ ଆୟୁକ୍ତ ଲାଗୁ କରିବା ପରେ ଜିଲ୍ଲାରେ ମୁକ୍ତ, ଅବାଧ ଓ ସ୍ୱଚ୍ଛ ଭାବରେ ନିର୍ବାଚନ ଯେପରି ଆୟୋଜିତ ହେବ ସେଥି ପାଇଁ ସଜାଗ ରହିବା ଓ ଦୁର୍ବଳ ଭୋଟ କେନ୍ଦ୍ରଗୁଡିକର ସୁରକ୍ଷା ପ୍ରଦାନ କରିବା ଉପରେ ପଦକ୍ଷେପ ପାଇଁ ତାଲିମ ପଦାନ କରିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶରେ ଅତରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତ, ଜିଲ୍ଲାପରିଷଦ ମୁଖ୍ୟ ବିକାଶ ଅଧିକାରୀ ନିହାର ରଞ୍ଜନ କହଁର, ପିଏ ଆଟିଡିଏ, ରାୟଗଡା ଦିଲ୍ଲୀପ କୁମାର ବେହେରା, କଲ୍ୟାଣସିଂପୁର ତହସିଲଦାର ରଞ୍ଜନ ମାନସେଠ, ବିଷମକଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରାଓ, ମୁନିଗୁଡ଼ା ତହସିଲଦାର ଏମ୍ ଅନୁରାଧା, କାଶୀପୁର ତହସିଲଦାର ସୁନୀଲ ପ୍ରଧାନ, ଡେପୁଟି କଲେକ୍ଟର ସୂର୍ଯ୍ୟମଣି ଭୋଇ, ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ବରାଳ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଥାନାରେ କାର୍ଯ୍ୟରତ ଥାନା ଅଧିକାରୀ ଓ ଅନ୍ୟାନ୍ୟ ଆରକ୍ଷୀ ଅଧିକାରୀମାନେ ତାଲିମ ଗ୍ରହଣ କରିଥିଲେ।

## ଖାଲରେ ପଡ଼ି ବାଇକ୍ ଚାଳକ ଗୁରୁତର

**କୋଷାଗୁମୁଡ଼ା,୨୮।୨(ସମିସ):** ମଙ୍ଗଳବାର ସନ୍ଧ୍ୟାରେ ଆଉଁଳି ଗାଁର ମୁଖ୍ୟ ରାସ୍ତା ଉପରେ ଗ୍ରାମ୍ୟ ଜଳ ଯୋଗାଣ ପାଇପ ଫାଟି ସୃଷ୍ଟି ହୋଇଥିବା ଖାଲରେ ଜଣେ ବାଇକ ଚାଳକ ପଡ଼ି ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକମାନେ ଆମ୍ବୁଲାନ୍ସରେ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ସୂଚନାନୁଯାୟୀ, ଉକ୍ତ ସ୍ଥାନରେ ମାସେ ପୂର୍ବରୁ ସ୍ଥାନୀୟ ପୁରୁଣା ସରପଞ୍ଚ ସୋନସିଂ ମୁରିଆ ବିଭାଗ ଅଧିକାରୀ ଏବଂ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ଖାଲର ମରାମତି ପାଇଁ କହିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ସେହି ଖାଲ ଓ ପାଇପ୍ ଲାଇନ ମରାମତି କରିବାରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ସେ କହିଛନ୍ତି।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ପାପଡ଼ାହାଣ୍ଡି,୨୮।୨(ସମିସ):** ପାପଡ଼ାହାଣ୍ଡି ବ୍ଲକ ତୁମ୍ବାର୍ଲା ପଞ୍ଚାୟତ ଅନ୍ତର୍ଗତ ଧନସୁଲି ସରକାରୀ ଆଶ୍ରମ ବିଦ୍ୟାଳୟଠାରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ସରକାରୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ପରିଚାଳିତ ହେଉଛି। ଏହି ଶିବିରରେ ଦୁଇଜଣ ପ୍ରଶିକ୍ଷିକା ଲିପ୍ସା ବେହେରା ଏବଂ ସ୍ୱାଗତିକା ସ୍ୱାଇଁ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଏହି ଶିବିର ୭ ଦିନ ଧରି ଚାଲିବ। ଏହି ଆତ୍ମରକ୍ଷା ଶିବିରରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା କରାଇବା ମୁଖ୍ୟ ଆଭିମୁଖ୍ୟ ବୋଲି ଶ୍ରୀମତୀ ଚୌଧୁରୀ କହିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ସପ୍ତମ ଏବଂ ଅଷ୍ଟମ ଶ୍ରେଣୀର ପ୍ରାୟ ୨୩୮ ଜଣ ଛାତ୍ରୀ ତାଲିମ ନେଉଛନ୍ତି।

## ସିତମ୍ ଇଞ୍ଜିନିୟରିଂ କଲେଜରେ ଶୋକସଭା

**ସେମିଲିଗୁଡ଼ା,୨୮।୨(ସମିସ):** କୋରାପୁଟ ଜିଲ୍ଲାର ସେମିଲିଗୁଡ଼ାର ସିତମ୍ ଇଞ୍ଜିନିୟରିଂ କଲେଜର ଭାଇସ୍ ଚେୟାରମ୍ୟାନ ଇଞ୍ଜିନିଅର ଦୂତିକୃଷ୍ଣ ମହାପାତ୍ରଙ୍କର ମଙ୍ଗଳବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସେମିଲିଗୁଡ଼ା ଏବଂ ସୁନାବେଡ଼ା ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ସୀତମ୍ କଲେଜରେ ଅଧ୍ୟକ୍ଷ ଶ୍ରୀକୃଷ୍ଣ ସିଂହଙ୍କ ଦ୍ୱାରା ଆୟୋଜିତ ଶୋକସଭାରେ ସମ୍ପାଦକ ଲକ୍ଷ୍ମଣ ରାଉତ, ବିନୋଦ ସାମଲ, ଲୁଲୁ ମହାପାତ୍ର, ଅର୍ଜୁନ ନାୟକ ଏବଂ ଡ. ମଧୁସ୍ମିତା ପରିଡ଼ା ନିଜ ବକ୍ତବ୍ୟ ରଖିଥିଲେ। ଡ. ଝାନ୍ସି ସିଂହ, ଇଂ. ଅନିତା ପ୍ରଧାନ, ରଞ୍ଜିତ ଚହଟ ରାୟ, ମନୀଷା ମିଶ୍ର, ମନୋଜ ମହାନ୍ତି, ଡ. ସୁଦିପ ସିଂ ନିଜ ବକ୍ତବ୍ୟ ରଖି ଇଂଜିନିୟର ମହାପାତ୍ରଙ୍କ କାର୍ଯ୍ୟ କରିବାର କୌଶଳ ଏବଂ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ସଭାରେ ସିତମ ପରିଚାଳନା କମିଟିର ବହୁ ସଦସ୍ୟ ଅଧ୍ୟାପକ ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମକର୍ତ୍ତା ଲକ୍ଷ୍ମୀକାନ୍ତ ବିଡ଼ିକା, ଚନ୍ଦ୍ରଶେଖର, କଳ୍ପତରୁ ଦାସ, ଉଷା କିରଣ, ରାଜକିଶୋର ସାମଲ, ଆର୍ କେ ସ୍ୱାଇଁଙ୍କ ସହ ଚିରଞ୍ଜିବୀ ପାତ୍ର, ମନୋରଞ୍ଜନ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ସିତମ୍ ବିଟେକ, ଡିପ୍ଲୋମା, ଇଣ୍ଡଷ୍ଟ୍ରିଆଲ ସେଫ୍ଟି, ଯୁକ୍ତଦୁଇ ସାଇନ୍ସ, ଆଇଟିସି, ଡିପିଏସ୍ଏସ୍ର କର୍ମକର୍ତ୍ତା ଏବଂ ଛାତ୍ରଛାତ୍ରୀ ଯୋଗଦେଇ ତାଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ



**ମାଲକାନଗିରି,୨୮।୨(ସମିସ):** ମାଲକାନଗିରି ଜିଲ୍ଲା କାଲିମେଳା ପଞ୍ଚାୟତ ସମିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝି ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ, କାଲିମେଲା ବିଡିଓ ପ୍ରଦୀପ କୁମାର କର, କାଲିମେଲା ତହସିଲଦାର ଚଇନୁ ଗଣ୍ଡ ଓ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳରେ ରହିଥିବା ବିଭିନ୍ନ ସାମୂହିକ ଓ ବ୍ୟକ୍ତିଗତ ସମସ୍ୟାର ସମାଧାନ କରିବା ନିମନ୍ତେ ଅଞ୍ଚଳର ଅନେକ ଲୋକେ ଉପସ୍ଥିତ ରହି ନିଜନିଜର ଅଭିଯୋଗ ପ୍ରକାଶ କରିଥିଲେ। ବିଶେଷ କରି ଦୋରଗୁଡ଼ାରେ ଅଙ୍ଗନବାଡି କେନ୍ଦ୍ର ଖୋଲିବା ଓ ଏମଭି ୯୦ ଗୋପବନ୍ଧୁ ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ରୀନିବାସ ପାଇଁ ଦାବି ଭଳି ମୋଟ ୨୨ଟି ବିଭିନ୍ନ ସମସ୍ୟାକୁ ନେଇ ଅଭିଯୋଗ ପତ୍ର ଆସିଥିବା ବେଳେ ସେଗୁଡିକର ସମୀକ୍ଷା କରି ତ୍ୱରିତ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି।

**ତେନ୍ତୁଲିଖୁଣ୍ଟି:** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ପରିସରରେ ଥିବା ସମ୍ମିଳନୀ କକ୍ଷଠାରେ ବ୍ଲକସ୍ତରୀୟ ମନରେଗା ସାମାଜିକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ଜନଶୁଣାଣି ଶିବିରରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସମୀକ୍ଷକ ବୈବାସୂତ ଚଲାଣ, ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ବେହେରା, ଗଣମାଧ୍ୟମ ପ୍ରତିନିଧି ସୁଶାନ୍ତ କୁମାର ଶତପଥୀ, ଭରସା ସେଚ୍ଛାସେବୀ ଅନୁଷ୍ଠାନ ସଭାପତି ଏଲ୍ ସନ୍ତୋଷ ରାଓ ମଞ୍ଚାସୀନ ଥିଲେ। ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ପୂର୍ବରୁ ସମସ୍ତ ଅତିଥି ବୃନ୍ଦ ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଜନଶୁଣାଣି ଶିବିର ଆରମ୍ଭ ହୋଇଥିଲା। ଜିଲ୍ଲା ସାମାଜିକ ସମୀକ୍ଷକ ଶ୍ରୀ ଚଲାଣ ବ୍ଲକର ମନରେଗା କାର୍ଯ୍ୟକ୍ରମ ଉପରେ ୧ ଏପ୍ରିଲ ୨୦୨୩ରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ହୋଇଥିବା ମନରେଗା କାର୍ଯ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସାମାଜିକ ସମୀକ୍ଷା ବିବରଣୀ ପାଠ କରିଥିଲେ। ଗ୍ରାମ୍ୟ ସମ୍ବଳ କର୍ମୀଙ୍କ ତଥ୍ୟ ପ୍ରକାରେ ଗ୍ରାମ୍ୟ ରୋଜଗାର ସେବକ ଓ ଯୋଗାଣ ସହାୟକଙ୍କ ଅବହେଳା କାରଣରୁ ଉନ୍ନୟନ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଅର୍ଥ ସୂଚାରୁ ରୂପେ କାର୍ଯ୍ୟକାରୀ ହୋଇପାରୁନି ବୋଲି ଜିଲ୍ଲା ସାମାଜିକ ସମୀକ୍ଷକ ବିବରଣୀରେ କହିଥିଲେ। ଅନ୍ୟପଟେ ଗ୍ରାମ୍ୟ ସମ୍ବଳ କର୍ମୀମାନଙ୍କୁ ସହଯୋଗ କରୁ ନଥିବାରୁ ସାମାଜିକ ସମୀକ୍ଷାରେ ବ୍ୟତିକ୍ରମ ସୃଷ୍ଟି ହେଉଥିବା ନେଇ ଜିଲ୍ଲା ସମୀକ୍ଷକ ଶ୍ରୀ ଚଲାଣ କ୍ଷୋଭ ପ୍ରକାଶ କରିଥିଲେ। ମନରେଗା କାର୍ଯ୍ୟର ସ୍ୱଚ୍ଛତା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ନିମନ୍ତେ ଉପ ଜିଲ୍ଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗ୍ରାମ୍ୟ ରୋଜଗାର ସେବକ ଓ ଯୋଗାଣ ସହାୟକମାନଙ୍କୁ ତାଗିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସରପଞ୍ଚ, ସମିତି ସଭ୍ୟ, ସମସ୍ତ ଯନ୍ତ୍ରୀ, ସମସ୍ତ ଗ୍ରାମ୍ୟ ସମ୍ବଳ କର୍ମୀ ଉପସ୍ଥିତ ରହିଥିଲେ। ବ୍ଲକ ସାମାଜିକ ସମୀକ୍ଷକ ପି. ସୁନୀଲ କୁମାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଖାଦ୍ୟ ସୁରକ୍ଷା ଯୋଜନାରେ ଟଙ୍କା ଓ ବ୍ୟାଗ୍ ବଣ୍ଟନ



**ମାଲକାନଗିରି,୨୮।୨(ସମିସ):** ସଦର ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତରେ ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ଘାସି ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ୨୧ଟି ୱାର୍ଡର ୨୧୧୭ ଜଣ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରଙ୍କୁ ୧ ହଜାର ଟଙ୍କା ଓ ୨ଟି ଝୋଟ ବ୍ୟାଗ ବଣ୍ଟନ କରିଛନ୍ତି। ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜୁ ଜନତା ଦଳର ମିଡିଆ ସଂଯୋଜକ ସଦାନନ୍ଦ ଖରା, ସମିତି ସଭ୍ୟା ସୁକି କୁରାମି, ଯୋଗାଣ ସହାୟକ ରମେନା ଦନ୍ତାକଲା, ସିନ୍ଧ୍ରିମାଳର ୨୧ଟି ୱାର୍ଡ ସମସ୍ତ ସଭ୍ୟା/ସଭ୍ୟଙ୍କ ସହ ସମସ୍ତ ଖାଦ୍ୟ ସୁରକ୍ଷା ହିତାଧିକାରୀ ଉପସ୍ଥିତ ଥିଲେ।

# ନବରଙ୍ଗପୁର ଜିଲ୍ଲା କ୍ରିକେଟ୍ ଏକାଡେମୀ ଉଦ୍‌ଘାଟିତ

**ନବରଙ୍ଗପୁର,୨୮।୨(ସମିସ):** ଜିଲ୍ଲା କ୍ରିକେଟ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଆଭାସୀ ମାଧ୍ୟମରେ ନବରଙ୍ଗପୁର କ୍ରିକେଟ ଏକାଡେମୀ ଉଦ୍ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ସଂଘର ସଭାପତି ଡକ୍ଟର କମଳ ଲୋଚନ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରିକେଟ ସଂଘର ସଭାପତି ଦେବାଶୀଷ ପଟ୍ଟନାୟକ, ଉପସଭାପତି ଶୁଭେନ୍ଦୁ ନାଥ ବେହେରା, ସମ୍ପାଦକ ପ୍ରହଲାଦ ତ୍ରିପାଠୀ, ସହ ସମ୍ପାଦକ ଏମ୍ ବାଲା କ୍ରୀଷ୍ଣା ରାଓ, ଜିଲ୍ଲା କ୍ରୀଡ଼ା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ହକି ସମ୍ପାଦକ ଦୁର୍ଗା ମଲିକ, ଇଣ୍ଡୋର ସମ୍ପାଦକ କୃଷ୍ଣ ପ୍ରସାଦ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ ନାୟକ, ମହିଳା ସମ୍ପାଦିକା ଚନ୍ଦନା ମଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଧାଂଶୁ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ. ମିଶ୍ର ଷ୍ଟାଡିୟମ ପରିସରରେ ଥିବା ଦୁଇଟି ଟର୍ଫ୍ ୱିକେଟ, ଦୁଇଟି ଅଭ୍ୟାସ ଟର୍ଫ୍ ୱିକେଟ, ଏକ୍ଷ୍ଟ୍ର ଟର୍ଫ୍ ୱିକେଟ ଏବଂ ସିମେଣ୍ଟ ୱିକେଟ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ ସମାରୋହରେ ବିଭିନ୍ନ ବୟସ ବର୍ଗର ସଂଖ୍ୟାଧିକ କ୍ରିକେଟ ଖେଳାଳି ଯୋଗ ଦେଇଥିବା ବେଳେ ପୂର୍ବତନ ଖେଳାଳି ନଗେନ୍ଦ୍ର ପଟ୍ଟନାୟକ, ରମେଶ ସାମନ୍ତରାୟ, ଗୋପାଳକୃଷ୍ଣ ନାୟକ, ଲାଲ ମହମ୍ମଦ ଖାନ, ରାଜ କିଶୋର ପଟ୍ଟନାୟକ, ବାବୁଜୀ ପଟ୍ଟନାୟକ, ସୁନୀଲ ମିଶ୍ର, ମନୋଜ ସାଧୁ ଉପସ୍ଥିତ ଥିଲେ। ସଂଘର ସଭ୍ୟ ଶଶାଙ୍କ ଶେଖର ବେହେରା, ସୁବ୍ରତ ଗଣ୍ଡ, ଲମ୍ବୁ ସୌରା, ଦୂର୍ଯ୍ୟ ହରିଜନ, ଦିନେଶ ଶ୍ରୀବାସ୍ତବ, ରାଜପୁତ, ଦିଲ୍ଲୀପ ବିଷୋୟୀ, ଅମିତ୍ ଦାସ, ରାଇଲା ଭତରା, ଇପ୍ସିତା ଶୌରା ଏବଂ ଅନିତା ହିଆଲ ପ୍ରମୁଖ ସହଯୋଗ କରିଥିଲେ।

# ଉପଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଖଇରପୁଟ,୨୮।୨(ସମିସ):** ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମାର ସ୍ଥାନୀୟ ଡାରୱିର୍ନ ମେମୋରିଆଲ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ପୂର୍ବତନ ମାଲକାନଗିରି ଉପ ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କ ମିଳିତ ଆନୁକୂଲ୍ୟରେ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ମାଲକାନଗିରି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଶ୍ୟାମସୁନ୍ଦର ନାୟକ ପରିଚାଳନା କରିଥିଲେ। ମୁଖ୍ୟଅତିଥି ରୂପେ ବାଲିମେଲା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଅମୂଲ୍ୟ କୁମାର ପ୍ରଧାନ, ସମ୍ମାନିତ ଅତିଥି ରୂପେ କୁଡୁମୁଲୁଗୁମ୍ମା ତହସିଲଦାର ଟିକୁନା ପୁଟା,



ଆସିଷ୍ଟାଣ୍ଟ କଲେକ୍ଟର ଅଜୟ ମାଡ଼ାଙ୍ଗୀ, ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଗୋବିନ୍ଦପାଲ୍ଲୀ ଅଧ୍ୟକ୍ଷ ସୁଜିତ ବୋଷ, ମାଲକାନଗିରି ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନା, ବାଣିଜ୍ୟ ବିଭାଗ ମୁଖ୍ୟ ତଥା ଜିଲ୍ଲା ଯୁବ ରେଡକ୍ରସର ଆବାହକ ଡା.ରଞ୍ଜନ କୁମାର ସ୍ୱାଇଁ ବିଦାୟୀ ଉପଜିଲ୍ଲାପାଳଙ୍କ ବିଷୟରେ କହିଥିଲେ। ଜଣେ ଦକ୍ଷ ଇଲେକ୍ସନ ଅଫିସର ଭାବରେ ତାଙ୍କର ଦକ୍ଷତା ତଥା ଆନ୍ତର୍ଜାତିକସ୍ତରରେ ତାଙ୍କର ସଫଳତା ଏବଂ ଜିଲ୍ଲାସ୍ତରରେ ସମସ୍ତ ଶିକ୍ଷାନୁଷ୍ଠାନ ପ୍ରତି ରହିଥିବା ତାଙ୍କ ମହାନୁଭବତା ଉପରେ ଉପସ୍ଥିତ ଅତିଥି ତଥା ସମସ୍ତ ଅଧ୍ୟକ୍ଷମାନେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ବିଦାୟୀ ଉପଜିଲ୍ଲାପାଳଙ୍କୁ ମାନପତ୍ର ସହ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ସୁବ୍ରତ କୁମାର ଭଦ୍ର ଧନ୍ୟବାଦ ଦେଇଥିଲେ।

# ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ପ୍ରତିଭା ସମ୍ମାନ'

ରାୟଗଡ଼ା,୨୮।୨(ସମିସ)



ସ୍ଥାନୀୟ ରାୟଗଡ଼ା ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ପ୍ରତିଭା ସମ୍ମାନ-୨୦୨୪' ମହାସମାରୋହରେ ମଙ୍ଗଳବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ତଥା କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ଡ.ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କଲେଜ ଅଧ୍ୟକ୍ଷା ଡ.ଅର୍ଚ୍ଚନା ପଟ୍ଟନାୟକ, କଲେଜ ପ୍ରଶାସିକା ମୁଖ୍ୟ ଅଧ୍ୟାପିକା ସରୋଜା ମିଶ୍ର, ସାଂସ୍କୃତିକ ପରିଷଦ ମୁଖ୍ୟ କ୍ୟାପଟେନ୍ ରୀତାରାଣୀ ମିଶ୍ର, ଛାତ୍ରୀ ସଂସଦ ମୁଖ୍ୟ ପ୍ରତିମା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷା ଡ.ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରି ନିଜ ଭିତରେ ଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିପାରି ନିଜର ତଥା ନିଜ ମହାବିଦ୍ୟାଳୟ, ଜିଲ୍ଲା ଓ ରାଜ୍ୟର ନାମକୁ ଗୌରବାନ୍ୱିତ କରିପାରୁଛନ୍ତି। ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କଠିନ ପରିଶ୍ରମ କଲେ ସଫଳତା ହାତ ମୁଠାରେ ଥାଏ ବୋଲି ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମୁଦୁଲି ପ୍ରକାଶ କରିଥିଲେ। ସେହିପରି ମହିଳା ମହାବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ ସହ ଅନ୍ୟାନ୍ୟ ଶିକ୍ଷଣୀୟ ବିଷୟବସ୍ତୁ ଉପରେ କଲେଜ କର୍ତ୍ତୃପକ୍ଷ ସବୁବେଳେ ଛାତ୍ରୀମାନଙ୍କୁ ଉତ୍ସାହିତ କରି ଆସୁଥିବାରୁ ଏଠାରେ ଅଧ୍ୟୟନରତ ଥିବା ଛାତ୍ରୀ ତଥା ପୁରାତନ ଛାତ୍ରୀମାନେ ଆଜି ବିଭିନ୍ନ କ୍ଷେତ୍ରରେ ସଫଳତା ପାଇ ପାରିଥିବା ଏବଂ କଲେଜର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଥିବା ବିଷୟରେ ମୁଖ୍ୟବକ୍ତା ଡ.ମହାନ୍ତି ପ୍ରକାଶ କରିଥିଲେ। ଏହି ଉତ୍ସବ ପାଳନ ଅବସରରେ ଯୁକ୍ତ ୩ କଳା ବିଭାଗର ଛାତ୍ରୀ ଅଙ୍କିତା ହୋତା ଏବଂ ଯୁକ୍ତ ୨ ବିଜ୍ଞାନ ବିଭାଗର ଛାତ୍ରୀ ଆରତୀ ବାହୁକଙ୍କୁ ଚଳିତ ବର୍ଷର ପ୍ରତିଭା ସମ୍ମାନ-୨୦୨୪ରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଆରଡିସି ପ୍ୟାରେଡରେ ଅଂଶଗ୍ରହଣ କରି ସୁନାମ ଅର୍ଜନ କରିଥିବା ଏନସିସି କ୍ୟାଡେଟ୍ ସ୍ୱାଗତିକା ମଲ୍ଲିକ ଏବଂ ସୀମା ଓରାମଙ୍କୁ ମଧ୍ୟ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆଇରନ୍ ଲେଡି ସମ୍ମାନୀରେ ସମ୍ମାନିତ ହୋଇଥିବା କଲେଜର ଏନସିସି ଅଫିସର କ୍ୟାପଟେନ୍ ରୀତାରାଣୀ ମିଶ୍ରଙ୍କୁ ମଧ୍ୟ କଲେଜ ତରଫରୁ ଆଇରନ ଲେଡି ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଲେଜ ପରିଚାଳନା କମିଟି ସଭ୍ୟସଭ୍ୟା ହରପ୍ରସାଦ ହେପୃକା,ସୁଜାତା ରାଇଗୁରୁ, ଏନ.କବିତା, ସୁସ୍ମିତା ଦାସ, ଅବସରପ୍ରାପ୍ତ ଅଧ୍ୟକ୍ଷଅଧ୍ୟକ୍ଷା, ଅଧ୍ୟାପକଅଧ୍ୟାପିକାଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ରହିଥିବା ବେଳେ କଲେଜର ଦଶଗୋଟି ସାଂସ୍କୃତିକ ଦଳ ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଗୁଡ଼ିକ ଛାତ୍ରୀ ବିଷ୍ଣୁପ୍ରିୟା ରାଇଗୁରୁ ଓ ସାଥି ଛାତ୍ରୀ ପରିଚାଳନା କରିଥିବା ଜଣାଯାଇଛି।

# ହିନ୍ଦୁସ୍ତାନ ଏରୋନଟିକ୍ସ ମଜଦୁର ସଂଘର ବାର୍ଷିକ ଅଧିବେଶନ

**ସୁନାବେଡ଼ା,୨୮।୨(ସମିସ):** ସୁନାବେଡ଼ା ହାଲର ସ୍ୱୀକୃତିପ୍ରାପ୍ତ କର୍ମଚାରୀ ସଂଘ ହିନ୍ଦୁସ୍ତାନ ଏରୋନୋଟିକ୍ସ ମଜଦୁର ସଂଘର ବାର୍ଷିକ ଅଧିବେଶନ ସ୍ଥାନୀୟ ବିଶ୍ୱକର୍ମା ଭବନରେ ପାଳିତ ହୋଇଯାଇଛି। ସଂଘର ସଭାପତି ନନ୍ଦନ କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ

**● ନୂତନ କର୍ମକର୍ତ୍ତା ମନୋନୟନ**




ମୁଖ୍ୟଅତିଥି ଭାବରେ ବିଏମ୍ଏସର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ଯୋଗଦେଇ ଥିବାବେଳେ କେନ୍ଦ୍ରୀୟ ଜୋନାଲ ସଂଗଠନ ସମ୍ପାଦକ ଗୀରିଶ ଚନ୍ଦ୍ର ମହନ୍ତ ମୁଖ୍ୟବକ୍ତା ଭାବରେ ଏବଂ ବିଏମ୍ଏସ୍ର ରାଜ୍ୟ ଉପାଧ୍ୟକ୍ଷ ଆଲୋକ କୁମାର ରଥ, କୋରାପୁଟ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ପାଣିଗ୍ରାହୀ, କୋରାପୁଟ ସମ୍ପାଦକ ବି.ଏନ୍ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବାର୍ଷିକ ସମାରୋହର ଦ୍ୱିତୀୟ ଅଧିବେଶନରେ ସାଂଗଠନିକ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା ହୋଇ ସ୍ଥାନୀୟ ହିନ୍ଦୁସ୍ତାନ ଏରୋନଟିକ୍ସ ମଜଦୂର ସଂଘର ନୂତନ କର୍ମକର୍ତ୍ତାଙ୍କ ମନୋନୟନ ସର୍ବସମ୍ମତି କ୍ରମେ ହୋଇଥିଲା। ନୂତନ ସଭାପତି ଭାବେ ନନ୍ଦନ କୁମାର ସେନାପତି ମନୋନୀତ ହୋଇଥିବା ବେଳେ ଚନ୍ଦ୍ରଭାନୁ ଶତପଥୀ କାର୍ଯ୍ୟକାରୀ ସଭାପତି, ପ୍ରମୋଦ କୁମାର ସାମନ୍ତରାୟ, ଭଗବାନ ସ୍ୱାଇଁ, ଅନନ୍ତ କୁମାର ମଲ୍ଲିକ, ଘେନୁ କାଡମ, ଗୌରଗୋପାଳ ଦାସ, ହିମାଂଶୁ ମିଶ୍ର, ସୁବ୍ରତ କିସାନ, ସୁରେଶ ଚନ୍ଦ୍ର ନାୟକ ଉପ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଯଦୁନାଥ ସୋରନ ସାଧାରଣ ସମ୍ପାଦକ, ସୁବ୍ରତ କୁମାର ମହାନ୍ତି ଯୁଗ୍ମ ସମ୍ପାଦକ, ପ୍ରଦୀପ କୁମାର ପଟ୍ଟନାୟକ ଅଫିସ ସମ୍ପାଦକ, ରାମପ୍ରସାଦ ଦାଶ ସାଂଗଠନିକ ସମ୍ପାଦକ, ବିଭୂତିଭୂଷଣ ମହାଲିକ ଉପ ସାଂଗଠନିକ ସମ୍ପାଦକ, ରାମଚନ୍ଦ୍ର ସାହୁ, ବିକାଶ ହନ୍ତାଳ, ପ୍ରଶାନ୍ତ କୁମାର ଜେନା, ଦୁର୍ଗାମାଧବ ଦାସ, ଟି. ସତ୍ୟ ନାରାୟନ ମୂର୍ତ୍ତି, କାଳୀଚରଣ କାଣ୍ଡିଆନ, ହରି କୃଷ୍ଣ ସାହୁ ସମ୍ପାଦକ ଭାବେ ଏବଂ ମନୋରଞ୍ଜନ ପଣ୍ଡିତ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।

ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ମିଳିତ ଚଢ଼ଉ

# ଘରୋଇ ନର୍ସିଂହୋମ୍‌ରୁ ଅଲଟ୍ରାସାଉଣ୍ଡ ମେସିନ୍ ଜବତ

ଜୟପୁର,୨୮।୨(ସମିସ)

କୋରାପୁଟ ଜିଲ୍ଲା ଜୟପୁର ସହରର ଦୋଳମଣ୍ଡପ ସାହିଠାରେ ରହିଥିବା ଗୌରୀଶଙ୍କର ନର୍ସିଂ ହୋମ୍‌ରେ ବିନା ବିଶେଷଜ୍ଞ ଡାକ୍ତରଙ୍କ ଉପସ୍ଥିତିରେ ବ୍ୟବହୃତ ହେଉଥିବା ଅଲଟ୍ରାସାଉଣ୍ଡ ମେସିନକୁ ବୁଧବାର ସ୍ୱାସ୍ଥ୍ୟ ବିଭାଗ ଏବଂ ଉପଖଣ୍ଡ ପ୍ରଶାସନ ମିଳିତ ଚଢ଼ଉ କରି ଜବତ କରିଛନ୍ତି। ଉକ୍ତ ନର୍ସିଂ ହୋମରେ ଅଲଟ୍ରାସାଉଣ୍ଡ ମେସିନ ପରିଚାଳନା ନିମନ୍ତେ କୌଣସି ବିଶେଷଜ୍ଞ ତଥା ସ୍ୱୀକୃତିପ୍ରାପ୍ତ ଡାକ୍ତର ନ ଥିବାବେଳେ ଏହାକୁ କାର୍ଯ୍ୟକାରୀ କରାଯାଇ ରୋଗୀ ଏବଂ ଗର୍ଭବତୀ ମହିଳାମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଉଥିଲା। ଏନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ବିଶେଷଜ୍ଞ ଓ ସ୍ୱୀକୃତପ୍ରାପ୍ତ ଡାକ୍ତର ନ ଥିବା ଯୋଗୁଁ ଏହି ମେସନ୍ ମାଧ୍ୟମରେ ଗର୍ଭବତୀ ଭ୍ରୁଣର ଲିଙ୍ଗ ନିରୂପଣ ହେବାର ମଧ୍ୟ ଆଶଙ୍କା ରହିଥିଲା। ତେଣୁ ଏପରି ବେଆଇନ କାର୍ଯ୍ୟ ଆଶଙ୍କା ରହିଥିବା ଯୋଗୁଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ




ତତ୍ପରତା ପ୍ରକାଶ ପାଇବା ସହିତ ଚଢ଼ଉ କରାଯାଇଥିଲା। ନର୍ସିଂ ହୋମର ସମସ୍ତ ସରକାରୀ ସ୍ୱୀକୃତିପ୍ରାପ୍ତ କାଗଜପତ୍ର ଯାଞ୍ଚ କରାଯାଇଛି। ଏହି ଚଢ଼ଉରେ ସ୍ୱାସ୍ଥ୍ୟ ବିଭାଗର ପରିବାର କଲ୍ୟାଣ ଏଡିଏମ୍‌ଓ ଡା. ନୀଳମାଧବ ଶତପଥୀ ଏବଂ ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଟାଉନ ଥାନା ପୁଲିସ ଏସ୍‌ଆଇ ମନିସା ସାହୁ ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ। କୋରାପୁଟ ଜିଲ୍ଲାରେ ବିନା ଲାଇସେନ୍ସ ଏବଂ ବିନା ବିଶେଷଜ୍ଞ ଓ ଡାକ୍ତର ଦ୍ୱାରା ସ୍ୱାସ୍ଥ୍ୟ ଯାଞ୍ଚ ସମ୍ବନ୍ଧୀୟ ମେସିନ ବ୍ୟବହୃତ ହେଉଥିବା ନେଇ ଅଭିଯୋଗ ହେଉଛି। ତେଣୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ଏଡିଏମଓ ଡା. ଶତପଥୀ କହିଛନ୍ତି ଯେ କୌଣସି ବିନା ଅନୁମତି, ଅଣସ୍ୱୀକୃତିପ୍ରାପ୍ତ ଓ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା କୌଣସି ନର୍ସିଂହୋମ କିମ୍ବା ପାଥୋଲୋଜି କେନ୍ଦ୍ରରେ ଏପରି ବେଆଇନ ମେସିନ ଦ୍ୱାରା ସ୍ୱାସ୍ଥ୍ୟ ଯାଞ୍ଚ ଏକ ଦଣ୍ଡନୀୟ ଅପରାଧ। ଏନେଇ ସୂଚନା କିମ୍ବା ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

● ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ କଳିଙ୍ଗ ମଡେଲ ଆବାସିକ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

# ଚନ୍ଦାହାଣ୍ଡି ଆଶ୍ରମରୁ ୨୬ ଉତ୍ତୀର୍ଣ୍ଣ



**ଚନ୍ଦାହାଣ୍ଡି,୨୮।୨(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ସଦର ମହକୁମାରେ ଥିବା ଆଶ୍ରମ ବିଦ୍ୟାଳୟରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ କଳିଙ୍ଗ ମଡେଲ ଆବାସିକ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଷଷ୍ଠ ଓ ନବମରେ ୨୬ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । କଳିଙ୍ଗ ମଡେଲ ଆବାସିକ ବିଦ୍ୟାଳୟ ପାଇଁ ଧନସିଂ ସାନ୍ତା, ମଳୟ ପୋର୍ଟି, ବୈକୁଣ୍ଠ ମାଝୀ, ଚିନୁସ୍ମିତା ଧୂରୁଆ, ସରସ୍ୱତୀ ମାଝୀ, ଭୁବିତା ମାଝୀ ଉପକୃତ ହୋଇଥିବାବେଳେ ଆଦର୍ଶ ବିଦ୍ୟାଳୟ ନବମ ଶ୍ରେଣୀ ପାଇଁ ସସ୍ମିତା ମାଝୀ, ଝାନ୍ସିରାଣୀ ମାଝୀ, ମଦାନୀ ସାନ୍ତା, ଅମ୍ବିକା ପୂଜାରୀ, ଗୋମତୀ ସାନ୍ତା, ଦିବାନି ନିଆଲ, ରାମ ସାନ୍ତା, ଡାଳିମ୍ବ ମାଝୀ, ସସ୍ମିତା ଝାଙ୍କର, କୁନା ସାନ୍ତା, ବିଳାସ ଝାଙ୍କର, ଯଶୋଦା ସମରଥ, ରିମା ସାନ୍ତା ପ୍ରମୁଖ ସଫଳତା ପାଇଥିବାବେଳେ ଷଷ୍ଠ ଶ୍ରେଣୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ଶ୍ରୀୟାଂଶୁ କୁମାର ସାହୁ, ଘନସିଂ ସାନ୍ତା, ଭୂମିତା ମାଝୀ, ଚିନୁସ୍ମିତା ଧୂରୁଆ, ବିନୋଦ ସାନ୍ତା ସଫଳତା ପାଇଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷକ ହରଲାଲ ନାୟକ, ବବିତା ମାଝୀ, ହୃଦାନନ୍ଦ ଗହୀର ପ୍ରମୁଖଙ୍କ ଯୋଗୁଁ ପିଲାମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ। ସଫଳତା ପାଇଁ ସମସ୍ତ ଶିକ୍ଷକଙ୍କୁ ମଙ୍ଗଳ ଅଧିକାରୀ ହୃଦାନନ୍ଦ ମାଝୀ ଧନ୍ୟବାଦ ଦେଇଛନ୍ତି।

■ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ଚତୁର୍ଥ ଦିନ

## ହିନ୍ଦୀ, ସଂସ୍କୃତ ବିଷୟରେ ୩୮୦ ଅନୁପସ୍ଥିତ

**କୋରାପୁଟ,୨୮।୨(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ପକ୍ଷରୁ ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ବୁଧବାର ଚତୁର୍ଥ ଦିନର ହିନ୍ଦୀ/ସଂସ୍କୃତ ବିଷୟର ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଜିଲ୍ଲାର ୭୭ଟି ପରୀକ୍ଷା କେନ୍ଦ୍ରରେ ୩୮୦ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ରେଗୁଲାରରେ ୧୮୦୯୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୬୨ ଜଣ ଅନୁପସ୍ଥିତ ଥିଲେ। ସେହିପରି ସିସି ରେଗୁଲାରରେ ୩୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସମସ୍ତ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏକ୍ସ ରେଗୁଲାରରେ ୬୨ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ୧୧ ଅନୁପସ୍ଥିତ, ମଧ୍ୟମାରେ ୨୦ରୁ ୭ ଜଣ ଅନୁପସ୍ଥିତ ଏବଂ ଏସଓଏସସିର ପରୀକ୍ଷା ନ ଥିବା ଜଣାପଡ଼ିଛି। ଜିଲ୍ଲାସ୍ତରୀୟ ସ୍କ୍ୱାଡ୍ ୧୦ଟି ପରୀକ୍ଷା କେନ୍ଦ୍ର ବୁଲିଥିବା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ଜିଲ୍ଲାରେ ଶାନ୍ତି ଶୃଙ୍ଖଳା ସହିତ ପରୀକ୍ଷା ଚାଲିଥିବାବେଳେ କୌଣସି ସ୍ଥାନରେ କିଛି ବି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଗେଟ୍ ସମ୍ମୁଖରେ କଡ଼ା ତନଖି ବ୍ୟବସ୍ଥା କରାଯାଉଥିବା ଦୃଷ୍ଟିଗୋଚର ହୋଇଛି।

## ଜଣେ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ୪ ତହସିଲଦାର, ୧ ବିଡିଓ, ୨ ଡେପୁଟି କଲେକ୍ଟରଙ୍କ ବଦଳି

**ମାଲକାନଗିରି,୨୮।୨(ସମିସ):** ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ୪ ତହସିଲଦାର, ୧ ବିଡିଓ, ୨ ଡେପୁଟି କଲେକ୍ଟରଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବାର ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁଥିରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝିଙ୍କୁ ରାୟଗଡ଼ା ବଦଳି କରାଯାଇଥିବା ଉଲ୍ଲେଖ ରହିଛି। ତହସିଲଦାର ନରସିଂହ ଗାଦବାଙ୍କୁ ଖଇରିଆର, କାଲିମେଲା ତହସିଲଦାର ଚଇନୁ ଗଣ୍ଡଙ୍କୁ ଆଗଲପୁର, ମୋଟୁ ତହସିଲଦାର ମଧୁସୂଦନ ମାଝୀଙ୍କୁ ଗୁଣୁପୁର, ମାଥିଲି ତହସିଲଦାର ଚନ୍ଦନ କୁମାର ନାୟକଙ୍କୁ ଗୋଲାମୁଣ୍ଡା, ମାଲକାନଗିରି ଡେପୁଟି କଲେକ୍ଟର ଧରଣୀଧର ବେହେରାଙ୍କୁ କୋରାପୁଟ, ମାଥିଲି ବିଡିଓ ହୃଷୀକେଶ ଗଣ୍ଡଙ୍କୁ ବଲାଙ୍ଗିର, କୋରକୁଣ୍ଡା ବିଡିଓ ଶିବପ୍ରସାଦ ପଟ୍ଟନାୟକଙ୍କୁ ରାୟଗଡ଼ା, ଡେପୁଟି କଲେକ୍ଟର ଗୋପୀନାଥ କର୍କରାଙ୍କୁ ବେତନଟିକୁ ବଦଳି କରାଯାଇଥିବାର ଜଣାପଡ଼ିଛି।

## ନବବିବାହିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସୁନାବେଡ଼ା,୨୮।୨(ସମିସ):** ସୁନାବେଡ଼ା ପୌର ପରିଷଦ ହନୁମାନ ବଜାର କଲୋନୀରେ ଜଣେ ନବବିବାହିତା ମହିଳା ବୁଧବାର ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତ ମହିଳା ଜଣକ ହନୁମାନ ବଜାର ନିବାସୀ ଜେ. ସନ୍ତୋଷଙ୍କ ଧର୍ମପତ୍ନୀ ଜେ.ହାରିକା (୨୫) ବୋଲି ଜଣାପଡ଼ିଛି। ମୃତ ହାରିକାଙ୍କ ବାପଘର ଜୟପୁର ହୋଇଥିବାବେଳେ ସେ ଗତ ଡିସେମ୍ବର ୧୭ ତାରିଖରେ ବିବାହ କରିଥିଲେ। ଆତ୍ମହତ୍ୟାର କାରଣ କିଛି ଜଣାପଡ଼ିନାହିଁ। ଘରେ କେହି ନ ଥିବା ସମୟରେ ବୁଧବାର ଅପରାହ୍ଣ ସମୟରେ ନିଜ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୁନାବେଡ଼ା ଥାନାର ଏଏସଆଇ ବାଳକୃଷ୍ଣ ରଥ ଉକ୍ତ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ବୁଡୁବାଲି ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଚନ୍ଦ୍ରପୁର,୨୮।୨(ସମିସ):** ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ବୁଡୁବାଲି ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଥିବା ଜାତି ଓ ଜନଜାତି କଲ୍ୟାଣ ବିଭାଗ ଆଶ୍ରମ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଚନ୍ଦ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର, ମୁଖ୍ୟବକ୍ତା ଭାବେ ସରପଞ୍ଚ ଭୀମ ଗୋଗେରଙ୍ଗା, ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଅଧିକାରୀ ଉମାକାନ୍ତ ମିଶାଲ, ଶମ୍ଭୁ ଗୋଗେରଙ୍ଗ, ପ୍ରଧାନଶିକ୍ଷକ ଅଡଙ୍ଗାକା ସୁଦର୍ଶନ ଯୋଗଦେଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ରାମ ଚନ୍ଦ୍ର ପାଢ଼ୀ। ଶିକ୍ଷକ ସୀମା କ୍ରେପୁଟିକା ସହଯୋଗ କରିଥିଲେ। ଶିକ୍ଷକ ରାମଚନ୍ଦ୍ର ପାଢ଼ୀ ପରିଚାଳନା କରିଥିଲେ।

# ଲକ୍ଷ୍ମୀପୁରକୁ ଉପଖଣ୍ଡ ମାନ୍ୟତା ପାଇଁ ଦାବିପତ୍ର

**ଲକ୍ଷ୍ମୀପୁର,୨୮।୨(ସମିସ):** ଲକ୍ଷ୍ମୀପୁରକୁ ଉପଖଣ୍ଡ ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ୪ଟି ବ୍ଲକ୍ ଯଥା- ଲକ୍ଷ୍ମୀପୁର, ଦଶମନ୍ତପୁର, ନାରାୟଣପାଟଣା, ବନ୍ଧୁଗାଁକୁ ନେଇ ଗଠିତ। ଏହି ୪ ବ୍ଲକବାସୀଙ୍କ ସୁବିଧା ପାଇଁ ଲକ୍ଷ୍ମୀପୁର ମେଡିକାଲ, ତହସିଲକୁ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବା ପାଇଁ ବୁଧବାର ଲିଖିତ ଭାବେ ସ୍ଥାନୀୟ ଅତିରିକ୍ତ ତହସିଲଦାରଙ୍କ ଜରିଆରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବଙ୍କୁ ଦେଇଛନ୍ତି। ଏହି ଦରଖାସ୍ତରେ ମାର୍ଚ୍ଚ ୪ ତାରିଖ ପୂର୍ବରୁ ଦାବି ପୂରଣ ନ ହେଲେ ଲକ୍ଷ୍ମୀପୁର ଦୋକାନ ବଜାର ବନ୍ଦ ହେବା ସହ ରାସ୍ତାରୋକ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ବଜାର କମିଟିର ସଭାପତି ମନୋଜ କୁମାର ସାହୁ ଓ ସମ୍ପାଦକ ଉମାଶଙ୍କର କର୍କରାଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଇ-ମେଲ୍ ମାଧ୍ୟମରେ ମଧ୍ୟ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବଙ୍କୁ ଜଣାଯାଇଥିବା ଶ୍ରୀ ସାହୁ ଏବଂ ଶ୍ରୀ କର୍କରା କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ଓ ସମ୍ପାଦକଙ୍କ ସହ ଗଦାଧର ବିଡିକା, ଅଗସ୍ତି ହଲୱା, ଦେବ ଖରା ପ୍ରମୁଖ ଉପସ୍ଥିତ ଥିଲେ।



# ସ୍ୱାସ୍ଥ୍ୟସେବାର ସମୀକ୍ଷା କଲେ କାୟାକଳ୍ପ ଟିମ୍



**ମାଲକାନଗିରି,୨୮।୨(ସମିସ):** ମାଲକାନଗିରି ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ସମୀକ୍ଷା କରିବା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର କାୟାକଳ୍ପ ଟିମ୍ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟସେବାର ସମୀକ୍ଷା ଓ ମାନ ପରଖିଥିବା ସହ ରୋଗୀ ସେବା ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ଦ୍ଦେଶକ ଡା. ପ୍ରମୋଦ କୁମାର ଦେଙ୍କ ନେତୃତ୍ୱରେ ଡା. ବିଜୟ କୁମାର, ଡା. ହୃଷୀକେଶ ସାହୁଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ ବୁଧବାର ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଚିତ୍ରକୋଣ୍ଡା ଓ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ ସେବାର ୮ଟି ମୁଖ୍ୟ ବିଭାଗ ସହିତ ଅନ୍ୟାନ୍ୟ ବିଭାଗ ଉପରେ ଏହି ଟିମ୍ ତର୍ଜମା କରି ନିଜର ରେଟିଂ ପଏଣ୍ଟ ପ୍ରଦାନ କରିବା ସହ ସ୍ୱଚ୍ଛତା, ରୋଗୀ ସେବା, ସୁସ୍ଥ ପରିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥି ସହ ରୋଗୀଙ୍କ ସହିତ ମଧ୍ୟ ସ୍ୱାସ୍ଥ୍ୟ ସେବାକୁ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ, ଜିଲ୍ଲା ହସ୍ପିଟାଲ ଏଡିଏମଓ ଡାକ୍ତର ଅନିଲ ମିଶ୍ର ଓ ଅନ୍ୟାନ୍ୟ ଡାକ୍ତର ସ୍ୱାସ୍ଥ୍ୟ କର୍ମୀଙ୍କ ସହିତ ଏହି ଟିମ୍ ବିଭିନ୍ନ ବିଷୟରେ ଆଲୋଚନା କରି ଉତ୍ତମ ସ୍ୱାସ୍ଥ୍ୟ ସେବାକୁ ନେଇ ସେମାନେ ଖୁସି ପ୍ରକାଶ କରିଥିବା ଜଣାପଡ଼ିଛି।

# ଗୁଡ଼ାରୀ ବ୍ଲକ୍ ଅଧ୍ୟକ୍ଷା ଓ ବିଡିଓଙ୍କ ମଧ୍ୟରେ କଳି

**ଗୁଡାରୀ,୨୮।୨(ସମିସ):** ଗୁଡାରୀ ବ୍ଲକ ଅଧ୍ୟକ୍ଷା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ଅନିସା ଦାସଙ୍କ ମଧ୍ୟରେ କିଛିଦିନ ହେଲା ଚାଲିଥିବା ବାକଯୁଦ୍ଧ ବୁଧବାର ଏହା ଦଣ୍ଡରେ ପଡ଼ି ହାଟରେ ଗଡ଼ିଛି। ସୂଚନା ମୁତାବକ, ବିଡିଓ ଅନିସା ଦାସ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କୁ ବାରମ୍ବାର ବ୍ୟବହାର ଖରାପ କରୁଛନ୍ତି ବୋଲି ସହଯୋଗୀ ସମିତିସଭ୍ୟ, ସରପଞ୍ଚମାନଙ୍କ ସହ ଧାରଣାରେ ବସିଥିଲେ। କିନ୍ତୁ ବିଡିଓଙ୍କ ସପକ୍ଷରେ ଉପାଧ୍ୟକ୍ଷ ବିଶ୍ୱନାଥ ଶବରଙ୍କ ସହ ସମିତିସଭ୍ୟ ପୁଷ୍ପାଞ୍ଜଳି ଶବର(ଶିରିଗୁଡ଼ା), ରାଜେଶ୍ୱର ମାଝି(କଦମା), ସୁମଳା ଲିମା (ପେଣ୍ଡିଲି) ଏବଂ ୪ ସରପଞ୍ଚ ହେଲେ ରାମ ମୁତରାଙ୍ଗା, ରେଣୁକା ଶବର, ଭାରତି ସାମୁଟିକା, ତେୟାର ଗ୍ରାସମି ଶବର ଜିଲ୍ଲା ମୁଖ୍ୟାଳୟରୁ ଆସିଥିବା ଏଡିଓଙ୍କ ସହିତ ସାକ୍ଷାତ କରିଥିଲେ। ସେମାନଙ୍କ କହିବା କଥା ହେଲା ଗୁଡାରୀ ବିଡିଓ ଶ୍ରୀମତୀ ଦାସ କାର୍ଯ୍ୟାଳୟରେ ସମସ୍ତଙ୍କ ସହ ସମାନ ବ୍ୟବହାର କରନ୍ତି। ଯେକୌଣସି ସମୟରେ ଆସିଲେ ମଧ୍ୟ ଶ୍ରୀମତୀ ଦାସ କୌଣସି କାମ ଥିଲେ କରନ୍ତି ତତ୍ ସହିତ ପଞ୍ଚାୟତରେ ନିର୍ବାଚିତ ସମିତିସଭ୍ୟ କିମ୍ବା ସରପଞ୍ଚଙ୍କୁ ବ୍ୟବହାରରେ ଖରାପ କରିବା ଆମେ ଜାଣିନୁ ବୋଲି କହିଛନ୍ତି। ଏହାସହ ବିଡିଓ ବଦଳି ହେଲେ ଆମେ ବ୍ଲକ୍ ଆଗରେ ଧାରଣାରେ ବସିବୁ ବୋଲି କହିଥିବା ଜଣାପଡ଼ିଛି।



# ବିଦ୍ୟାମନ୍ଦିର ଓ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ

**ଜୟପୁର,୨୮।୨(ସମିସ):** ଜୟପୁର ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ବୁଧବାର ପାଳିତ ହୋଇଥିଲା। ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ସେଠୀ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୋରିଗୁମ୍ମା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ରହି ବିଜ୍ଞାନର ଉପଯୋଗିତା ଓ ବିଜ୍ଞାନର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ. ମନୋରଞ୍ଜନ ପ୍ରଧାନ, ଯୁଗ୍ମ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା ଏବଂ କଟକ ଜିଲ୍ଲା ବାଙ୍କୀ ଶିଶୁ ବିଦ୍ୟାମନ୍ଦିର ପୂର୍ବତନ ଛାତ୍ର ସୌମ୍ୟ ରଞ୍ଜନ ଦାସ ଉପସ୍ଥିତ ଥିଲେ। ଶେଷରେ ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶ୍ରୀ ସେଠୀ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଶିଶୁଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୁରୁଜୀ ଗୁରୁମା' ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ। ସେହିପରି ବିକ୍ରମଦେବ ବିଶ୍ୱବିଦ୍ୟାଳୟର ରସାୟନ ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଥିଲା। ଏଥିରେ 'ବିକଶିତ ଭାରତ ପାଇଁ ସ୍ୱଦେଶୀ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା' ବିଷୟକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ଡ. କୀଚକ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଳସଚିବ ରଞ୍ଜନ କୁମାର ପ୍ରଧାନ, ଉଦ୍ଭିଦ ବିଜ୍ଞାନର ମୁଖ୍ୟ ଡ. ପ୍ରଶାନ୍ତ କୁମାର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରସାୟନ ବିଭାଗର ମୁଖ୍ୟ ଡ. ସୁଜିତ କୁମାର ଦେହେରୀ, ବରିଷ୍ଠ ଅଧ୍ୟାପକ ଡ. ବି.ବି. ନନ୍ଦ, ଅତିଥି ଅଧ୍ୟାପକ ଭାବେ ଡ. ସ୍ମିଥ ସାଗର ଶତପଥୀ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

# ମିଗ୍-୪ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ



**ସୁନାବେଡ଼ା,୨୮।୨(ସମିସ):** ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ କୋରାପୁଟ ଜିଲ୍ଲା ସୁନାବେଡ଼ା ସ୍ଥିତ ମିଗ-୪ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଗଣିତ ଓ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏରୋନୋଟିକ୍ସ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଡ. ପ୍ରଦୀପ କୁମାର ବେହେରା, ସେମିଳିଗୁଡ଼ା ମହାବିଦ୍ୟାଳୟର ଅଧ୍ୟାପକ ଡ. ଅଲେଖ ଚନ୍ଦ୍ର ପଣ୍ଡା ଏବଂ ଯୁବ ସାମ୍ବାଦିକ ସୁଶାନ୍ତ କୁମାର ବିଶ୍ୱାଳ ଯୋଗଦେଇଥିଲେ। ସେମାନେ ପିଲାମାନଙ୍କୁ ଆଜିକାଲି ଗଣିତ ଓ ବିଜ୍ଞାନ ଦ୍ୱାରା କିପରି ପ୍ରଗତି ହେଉଛି, ଦୈନନ୍ଦିନ ଜୀବନରେ ଏହାର ଉପଯୋଗ ଓ ଆଗକୁ କିପରି ଭଲ ମେଧାବୀ ଛାତ୍ର ଓ ଛାତ୍ରୀ ହୋଇପାରିବ ସେ ବିଷୟରେ କହିଥିଲେ। ସରକାର ବର୍ତ୍ତମାନ ସର୍ବଶିକ୍ଷା ଅଭିଯାନ ତରଫରୁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ଓ ଗଣିତ କ୍ଲବ କରିଛନ୍ତି। ବିଜ୍ଞାନ ବଳରେ କିପରି ବଳିୟାନ ହେବା, ଗଣିତକୁ ଡରିବାନି ଓ ନୂଆ ଉଦ୍ଭାବନ ଦିଗରେ ପ୍ରୟାସ କରିଚାଲିବା ଏହାର ମୂଳ ଉଦ୍ଦେଶ୍ୟ ଅଟେ। ଶେଷରେ ବିଜ୍ଞାନ ଓ ଗଣିତ ସମ୍ପର୍କିତ ପ୍ରକଳ୍ପଗୁଡ଼ିକୁ ସେହି ବିଦ୍ୟାଳୟର ଛାତ୍ରଛାତ୍ରୀ ଉଭୟ ପ୍ରଦର୍ଶିତ କରିଥିଲେ। ଅଳ୍ପ ସମୟ ମଧ୍ୟରେ ପିଲାମାନେ ଓ ଶିକ୍ଷକମାନଙ୍କ ପ୍ରଚେଷ୍ଟାକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିମଳା ଥାନାପତି, ଶିକ୍ଷକ ଆଶୁତୋଷ ମାନସିଂ ଓ ଶିକ୍ଷୟିତ୍ରୀ ଚିନୁରାଣୀ ଦେବନାଥ, ନମିତା ପଟ୍ଟନାୟକ, ନମିତା ମଞ୍ଜରୀ ନାୟକ ଉପସ୍ଥିତ ରହି ପିଲାମାନଙ୍କୁ ପ୍ରକଳ୍ପ ବିଷୟରେ ଓ ଶୃଙ୍ଖଳା ରକ୍ଷା କରିବାରେ ସହାୟତା କରିଥିଲେ।

# ପାରମ୍ପରିକ ବୈଦ୍ୟଙ୍କ ଦକ୍ଷତା ପରୀକ୍ଷା ଶିବିର

**ଚନ୍ଦ୍ରପୁର,୨୮।୨(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରଠାରେ ପିରାମଲ ଫାଉଣ୍ଡେସନ ଦ୍ୱାରା ରାୟଗଡ଼ା ଜିଲ୍ଲାରେ କାର୍ଯ୍ୟ କରୁଥିବା ପାରମ୍ପରିକ ବୈଦ୍ୟମାନଙ୍କ ପାଇଁ ଦକ୍ଷତା ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଏକ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଥିଲା। ଏହି କାର୍ଯ୍ୟ ଭାରତ ସରକାରଙ୍କ ସଂସ୍ଥା କ୍ୱାଲିଟି କାଉନସିଲ ଅଫ୍ ଇଣ୍ଡିଆ ଦ୍ୱାରା ନିଯୋଜିତ ବେଙ୍ଗାଲୁରୁ ସ୍ଥିତ ଟ୍ରାନ୍ସ-ଡିସିପ୍ଲିନାରୀ ୟୁନିଭର୍ସିଟିର ଡାକ୍ତରମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାର ଉପାନ୍ତ ଅଞ୍ଚଳରୁ ୨୧ ଜଣ ବୈଦ୍ୟ ନିଜ ନିଜର ଦକ୍ଷତାର ପ୍ରମାଣ ଦେଇଥିଲେ। ଯେଉଁଥିରେ ମୌଖିକ ଏବଂ ବୌଦ୍ଧିକ ପଦ୍ଧତିରେ କ୍ଷେତ୍ର ମୂଲ୍ୟାଙ୍କନ କରାଯାଇଥିଲା। ଯାହା ଆଗାମୀ ଦିନରେ ରାୟଗଡ଼ା ଜିଲ୍ଲା ପାଇଁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସହାୟକ ହେବ। ଏହି କାର୍ଯ୍ୟକ୍ରମକୁ ପିରାମଲ ଫାଉଣ୍ଡେସନର କର୍ମଚାରୀ ରାଜେନ୍ଦ୍ର ନାରାୟଣ ମହାପାତ୍ର, ସ୍ମିତାରାଣୀ ସାମନ୍ତରାୟ, ସ୍ୱର୍ଣ୍ଣଲତା ତ୍ରୁଳପତି, ନାରାୟଣ ମହାରଣା ଓ ଗାନ୍ଧୀ ଫେଲୋ ବ୍ୟାଚ-୧୬ର ସଦସ୍ୟମାନେ ସହାୟତା କରିଥିଲେ। ଏଥି ସହିତ କନ୍ଧମାଳ, ମୟୂରଭଞ୍ଜ ଓ ନୂଆପଡ଼ା ଆସିଥିବା ପୁରୁଖା ବୈଦ୍ୟଙ୍କ ସହଯୋଗ ଦ୍ୱାରା ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଅଞ୍ଚଳର ବୈଦ୍ୟମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ ଟିମ୍ ସଦସ୍ୟମାନେ ଅଞ୍ଚଳର ବୈଦ୍ୟମାନଙ୍କ କ୍ଷେତ୍ର ପରିଦର୍ଶନ ନିମନ୍ତେ ଗସ୍ତ କରି ବୈଦ୍ୟମାନଙ୍କ କାର୍ଯ୍ୟଧାରା ସମ୍ପର୍କରେ ପଚରି ବୁଝିଥିଲେ।



# ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର

ନାରାୟଣପାଟଣା,୨୮।୨(ସମିସ)

ନାରାୟଣପାଟଣା ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆତ୍ମସୁରକ୍ଷା ତାଲିମ ଶିବିର ଅଧ୍ୟକ୍ଷ ସୁଧୀର କୁମାର ଜେନାଙ୍କ ପୌରୋହିତ୍ୟରେ ବୁଧବାର ଉଦଯାପିତ ହୋଇଯାଇଛି। ଗତ ୧୬ରୁ ଆରମ୍ଭ ହୋଇଥିବା ଏହି ଶିବିରର ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷ ଶ୍ରୀ ଜେନା ଏବଂ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଶିକ୍ଷୟିତ୍ରୀ ପ୍ରିୟଙ୍କା ପାଢ଼ୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ନିରସା ଗାମ୍ଭେଲୀ, ନାରାୟଣପାଟଣା ଯୁବ ବିଜେଡି ସଭାପତି ଏନ୍ ବିନୋଦ ଯୋଗଦେଇଥିଲେ। ମହିଳା ନିଜର ସୁରକ୍ଷା ପାଇଁ ସାହସିକତା ପ୍ରଦର୍ଶନ ସହ ସୁରକ୍ଷା କୌଶଳ ଅବଲମ୍ବନ କରିପାରିଲେ ବିପଦଆପଦକୁ ଏଡ଼ାଇବା ସମ୍ଭବ ହେବ ବୋଲି ନିରସା ଗାମ୍ଭେଲୀ, ବିନୋଦ କୁମାର ମତବ୍ୟକ୍ତ କରିଥିଲେ। ଛାତ୍ରୀମାନେ ରାଣୀ ଲକ୍ଷ୍ମୀବାଈଙ୍କ ପରି ନିର୍ଭୀକ ଓ ସ୍ୱାଭିମାନୀ ହେବାକୁ ମୁଖ୍ୟ ଅତିଥି ପ୍ରିୟଙ୍କା ପାଢ଼ୀ ଆହ୍ୱାନ ଦେଇଥିବା ସହ ନାରୀଙ୍କ ସୁରକ୍ଷା ପାଇଁ ଏହି ତାଲିମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ନାରୀ ଶକ୍ତି ଶ୍ରେଷ୍ଠ ଶକ୍ତି ଏହାର ସୁରକ୍ଷା ସମାଜରେ ଅତି ଜରୁରୀ ବୋଲି ବକ୍ତବ୍ୟ ରଖିଥିଲେ। ଶିବିରରେ ପ୍ରଶିକ୍ଷଣପ୍ରାପ୍ତ ୫୫ ଜଣ ଛାତ୍ରୀଙ୍କୁ ପ୍ରମାଣପତ୍ର ସହ ଏକ ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ସୁଶାନ୍ତ କୁମାର ପରିଡ଼ା ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ଉର୍ବଶୀ ହରପାଲ ଯୋଗଦେଇ ଆତ୍ମସୁରକ୍ଷା ତାଲିମ ଶିବିରର ଆବଶ୍ୟକତା, କାର୍ଯ୍ୟକାରିତା ଓ ଭବିଷ୍ୟତ ବିଷୟରେ ଆଲୋକପାତ କରିଥିଲେ। ଶ୍ରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକଅଧ୍ୟାପିକା ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



